ଏହା ସତ୍ୟ ଯେ ରାଜ୍ୟରେ ଗୋଟିଏ ଦଳ ଦୀର୍ଘ ୨୪ବର୍ଷର ଶାସନ ପରେ ପୁନଃ କ୍ଷମତାସୀନ ହେବାରୁ ବଞ୍ଚିତ ହେବା ପଛରେ ଯେଉଁ ପ୍ରତିଶ୍ରୁତିମାନ ମୁଖ୍ୟ ଭୂମିକା ନିର୍ବାହ କରିଥିଲା ତନ୍ମଧ୍ୟରେ ଥିଲା ଓଡ଼ିଆ ଅସ୍ମିତା ପରି ଏକ ସ୍ପର୍ଶକାତର ଶବ୍ଦ। ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ପାଇଁ ଦୀର୍ଘଦିନର ନୀରବ ଆନ୍ଦୋଳନ ପରେ ବିଗତ ସରକାର ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନ ବିଧେୟକ ପାରିତକରାଇ ତା'ର ଅବମାନନା ପାଇଁ ଦଣ୍ଡ ବ୍ୟବସ୍ଥାର ଆଇନ କରିଥିଲେ। କିନ୍ତୁ ଓଡ଼ିଆ ଅସ୍ମିତାକୁ ଅସ୍ତ୍ରକରି କ୍ଷମତାକୁ ଆସିଥିବା ନୂଆ ସରକାର ଉଭୟ ଇଂଲିଶ ଏବଂ ଓଡ଼ିଆରେ ସରକାରୀ ନଥି ଓ ପତ୍ରାଳାପ ପାଇଁ ନିୟମ କରିବା ଅସ୍ମିତାର ଜାଗରଣ ନା ଦାପ୍ତରିକ ଚାପ ଆଗରେ ଆତ୍ମସମର୍ପଣ ତାହା ବିଚାରଯୋଗ୍ୟ। ଏହା ସରକାର କଥା ଦେଇ କଥା ରଖିବାର ଏକ ଉଦାହରଣ। ରତ୍ନଭଣ୍ଡାରର ଚାବି ପାତାଳରେ ଥିଲେ ବି ଖୋଜା ଚାଲିଛି ବୋଲି ବିଶ୍ୱସନୀୟ ପ୍ରତିଶ୍ରୁତି ରକ୍ଷା ପରିବର୍ତ୍ତେ ରଘୁବୀର ଦାସଙ୍କ ତଦନ୍ତ ରିପୋର୍ଟ ପ୍ରକାଶ ନ କରିବା ଏବଂ ରତ୍ନଭଣ୍ଡାରର ଚାବି ଭଙ୍ଗା ସତ୍ତ୍ୱେ ସରକାରୀ ନିୟମାନୁଯାୟୀ ତତ୍କାଳ ଗଚ୍ଛିତ ଅଳଙ୍କାରର ତାଲିକା ନ କରିବା, ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରର ଗଣତି ମଣତି କରାଇ ପୂର୍ବରୁ ଥିବା ତାଲିକା ସହ ମେଳକ ପରିବର୍ତ୍ତେ ରିଜର୍ଭ ବ୍ୟାଙ୍କର ସହାୟତା ଏବଂ ରାଜ୍ୟ ବାହାରର ମୂଲ୍ୟାୟନ ଅଧିକାରୀ ନିଯୁକ୍ତିର ଖବର ଓ ଏଥିପାଇଁ କାଳକ୍ଷେପଣ ନୀତି ସ୍ପଷ୍ଟ କରୁଛି ଯେ ସରକାର କୌଣସି ନିର୍ଦ୍ଦିଷ୍ଟ କାରଣ ବା କାହାର ସୁରକ୍ଷା ପାଇଁ ଏହାକୁ ଏଡ଼ାଇଚାଲିଛନ୍ତି। ପ୍ରତିଶ୍ରୁତି ମତେ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରିଦୁଆର ଭକ୍ତଙ୍କ ଯାତାୟାତ ପାଇଁ ଯଦିଓ ଖୋଲାଯାଇଛି ଭିତରେ ଶ୍ରୀଜୀଉମାନଙ୍କ ଦର୍ଶନ ଭକ୍ତଙ୍କୁ ଅଣନିଃଶ୍ୱାସୀ କରାଉଛି। ସମୟାନ୍ତରେ କେତେଜଣ ଭକ୍ତ ଅସୁସ୍ଥ ମଧ୍ୟ ହେଉଛନ୍ତି। ତାହାର ସମାଧାନ ବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ନ କରିବା ନିଶ୍ଚିତ ସରକାରଙ୍କ ଶ୍ରୀମନ୍ଦିର ପ୍ରତି ନୈତିକ କର୍ତ୍ତବ୍ୟର ଉଲ୍ଲଂଘନ କରୁଛନ୍ତି ଏଥିରେ ଦ୍ୱିରୁକ୍ତି ନାହିଁ। କ୍ଷମତାକୁ ଆସିଲେ ରାଜ୍ୟ ସଂଗ୍ରହାଳୟରୁ ସ୍ଥାନାନ୍ତରିତ ହୋଇଥିବା ବହୁ ହଜାର ଦୁଷ୍ପ୍ରାପ୍ୟ ପୋଥି ଓ ଦସ୍ତାବିଜ ଉଦ୍ଧାର କରିବାକୁ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା, କ୍ଷମତା ହାସଲ ପରେ ବିଧାନସଭାରେ ଏ ସମ୍ପର୍କିତ ଗୋଟିଏ ପ୍ରଶ୍ନର ଉତ୍ତରରେ ସମ୍ପୃକ୍ତ ମନ୍ତ୍ରୀ କୌଣସି ନଥି ବା ଦସ୍ତାବିଜ ସ୍ଥାନାନ୍ତର ହୋଇ ନ ଥିବା ଉତ୍ତର ଦେବା କଥା ଦେଇ କଥା ରଖିବାର ଉଦାହରଣ ମଧ୍ୟ ହୋଇଗଲା।

ରାଜ୍ୟରେ ହାତଗଣତି କେତେଜଣ ଅଧିକାରୀ ଭିଜିଲାନ୍ସ କବଳିତ ହେଲେ ଦୁର୍ନୀତି ଯେ ଲୋପପାଇଯିବ ଏହା ଭାବିବା ଭୁଲ୍। ଏବେବି ବ୍ଲକ୍‌ଠାରୁ ଥାନା ଓ ବିଭିନ୍ନ ଅର୍ଥକରୀ ବିଭାଗରେ ଦୁର୍ନୀତି ଯେପରି ଥିଲା ସେପରି ଚାଲୁଛି, କିନ୍ତୁ ତା'ର ତରିକା ଓ ସେଥିରେ ସମ୍ପୃକ୍ତ ବେସରକାରୀ ବ୍ୟକ୍ତିଙ୍କ ପରିଚୟ କେବଳ ବଦଳିଯାଇଛି। ଯେଉଁମାନେ ଦୁର୍ନୀତିର ପାହାଡ଼ ଉପରେ ଥିଲେ ବା ଅଛନ୍ତି ତନ୍ମଧ୍ୟରୁ ଅନେକେ କେବଳ ନିଜର ରଙ୍ଗ ଓ ଆନୁଗତ୍ୟ ବଦଳ କରିବା ଦ୍ୱାରା ରତ୍ନାକରରୁ ବାଲ୍ମୀକି ହୋଇଯାଇଛନ୍ତି। କିନ୍ତୁ ରାଜ୍ୟ ଦୁର୍ନୀତିମୁକ୍ତ ନ ଥିଲା, ଏବେ ନାହିଁ ବା ଭବିଷ୍ୟତରେ ହେବାର ସମ୍ଭାବନା ବି ନାହିଁ। ଦୁର୍ନୀତିମୁକ୍ତ ଶାସନ କେବଳ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଥିବାବେଳେ ଦୁର୍ନୀତି ଜଳଜଳ ଦେଖାଯାଉଥିଲା। ସେଥିରେ ଅତିଷ୍ଠ ରାଜ୍ୟବାସୀ ଆଶା କରିଥିଲେ, ନୂତନ ସରକାର ଆସିଲେ ତା'ର ପର୍ଦ୍ଦାଫାଶ ହେବ। ତାହା ମଧ୍ୟ ଏକାଧିକ ସଭାରେ ଘୋଷଣା ହୋଇଥିଲା। କିନ୍ତୁ ଦୀର୍ଘ ୧୫ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସେ



ସମ୍ପର୍କରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ପ୍ରତିଶ୍ରୁତି ଫିକା ପଡ଼ିଯାଇଛି। ଏଠାରେ କଥା ଦେଇଥିଲେ ବି କଥା ରଖିବା ସରକାରଙ୍କ ପାଖରେ ସମ୍ଭବ ନୁହେଁ ଏହା ସ୍ପଷ୍ଟ ହୋଇଛି।

କିନ୍ତୁ ସରକାର ସ୍ମରଣୀୟ ରଥଯାତ୍ରା କରିବାକୁ ଦେଇଥିବା କଥା ଶ୍ରୀଜୀଉମାନଙ୍କ ମୋଦକ ଦାରୁକାଠ ଚୋରିଠାରୁ ବହୁଳ ଓ ବିବିଧ ଦୁର୍ଘଟଣା ପାଇଁ ନିଶ୍ଚିତ ସ୍ମରଣୀୟ ହୋଇଗଲା। ଏପରିକି ବିଗତ କିଛି ଦଶନ୍ଧି ମଧ୍ୟରେ ଚଳିତ ବର୍ଷ ମୃତାହତ ଭକ୍ତଙ୍କ ସଂଖ୍ୟା ନିଶ୍ଚିତ ସ୍ମରଣୀୟ ହୋଇଗଲା। ଏପରିକି ଅଦିନିଆ ରଥଯାତ୍ରା କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ପରିହାସ କରୁଥିବା ଇସ୍କନ ସଂସ୍ଥା ପାଖରେ ଆଦାନୀଙ୍କ ମାଧ୍ୟମରେ ପୁରୀ ସହରକୁ ଟେକିଦେବା ମଧ୍ୟ ଅନ୍ୟତମ ସ୍ମରଣୀୟ ଘଟଣା ହୋଇଗଲା।

ସରକାର କଥା ଦେଇ ଯେଉଁ ଦୁଇଟି ସଫଳତାକୁ ବାରମ୍ବାର ପ୍ରଚାର କରୁଛନ୍ତି ତାହା ସୁଭଦ୍ରା ଯୋଜନା ଓ ଧାନ ସଂଗ୍ରହର ସହାୟକ ମୂଲ୍ୟ ବୃଦ୍ଧି। ଏହି ପ୍ରତିଶ୍ରୁତି ପୂରଣ ପାଇଁ ରାଜ୍ୟ ତହବିଲକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଛି ସିନା ଏହାଦ୍ୱାରା ରାଜ୍ୟର କୌଣସି ସାମଗ୍ରିକ ଉନ୍ନତି ହୋଇନାହିଁ। ୧ କୋଟିରୁ ଅଧିକ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ବାର୍ଷିକ ୧୦ହଜାର କୋଟିରୁ ଅଧିକ ଟଙ୍କାରେ ନିଶ୍ଚିତ ଏକାଧିକ ବୃହତ୍ ଯୋଜନା ହୋଇପାରି ଥାନ୍ତା। ସବୁଠାରୁ ଆଶ୍ଚର୍ଯ୍ୟଜନକ ଯେ ସୁଭଦ୍ରା ଯୋଜନା ଅର୍ଥ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିବା ଯେକୌଣସି ଗ୍ରାମ ବା ସହରର ହିତାଧିକାରୀଙ୍କଠାରୁ ସ୍ପଷ୍ଟ ହେଉଥିଲା ବେଳେ ଏହା ବହୁ ସଂଖ୍ୟାରେ ଉଦ୍ୟମିତା କ୍ଷେତ୍ରରେ କୁଆଡ଼େ ବିନିଯୋଗ ହୋଇଛି ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଯଦି ସର୍ବେକ୍ଷଣ ସତ୍ୟ ତେବେ ସେଇ ୧କୋଟିରୁ ଅଧିକ ହିତାଧିକାରୀଙ୍କ ନାମ ମାଗଣା ଚାଉଳ ତାଲିକାରୁ କାଟିଦେବା ଉଚିତ ନୁହେଁ କି? ମାତ୍ର କାଗଜପତ୍ରରେ ପ୍ରଗତିର ବାର୍ତ୍ତା ବାଣ୍ଟୁଥିବା ସରକାର ଏହା କରିବା କେବେ ବି ସମ୍ଭବ ନୁହେଁ। ଧାନର ସହାୟକ ମୂଲ୍ୟ ବୃଦ୍ଧିରେ ମଧ୍ୟ ଅନୁରୂପ ଅଭିଯୋଗ ହେଉଛି ଯେ ଏହି ବୃଦ୍ଧି ଯୋଗୁ ଧାନ ସଂଗ୍ରହ ପାଇଁ ବିଭିନ୍ନ ମାନଦଣ୍ଡ ଆଧାରରେ ଯଥେଷ୍ଟ କମ୍ ଧାନ ସଂଗ୍ରହ କରାଯାଇଛି। ନିଜକୁ ଲୋକଙ୍କ ସରକାର ବୋଲି କହୁଥିବା ବେଳେ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ସମସ୍ତ ଅଭିଯୋଗକୁ ଆବଶ୍ୟକ ଅନୁଯାୟୀ ସଚିବଙ୍କଠାରୁ ତହସିଲଦାରଙ୍କ ପାଖକୁ ପଠାଇଦେବା ସମାଧାନ ନୁହେଁ। ଯେଉଁଠାରୁ ନିରାଶ ହେବାପରେ ଲୋକମାନେ ସିଧା ସରକାରଙ୍କୁ ଗୁହାରି କରୁଛନ୍ତି, ସେହି ଅଭିଯୋଗ ପୁନଶ୍ଚ ସ୍ଥାନୀୟ ଅଧିକାରୀଙ୍କ ପାଖକୁ ସମାଧାନ ପାଇଁ ଆସିଲେ ଅଭିଯୋଗକାରୀ କିଭଳି ନ୍ୟାୟ ପାଉଥିବେ ତାହା ବିଚାରଯୋଗ୍ୟ। ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗ ଅଧୀନରେ 'ସାଧାରଣ ସେବା ଅଧିକାର'(ଆର୍‌ଟିଜିଏସ୍) ପୋର୍ଟାଲରେ ସମସ୍ତ ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନର ବିବରଣୀ ଦିଆଗଲେ ତାହା ଅଧିକ ସ୍ୱଚ୍ଛ, ସ୍ପଷ୍ଟ ଓ ଶାସନୀୟ ହୋଇପାରିବ।

ଶେଷରେ ଏତିକି କୁହାଯାଇପାରେ, ଯେଉଁଦିନ ରାଜ୍ୟର ସାମଗ୍ରିକ ଉନ୍ନତି ହେବ ତାହା ଲୋକମାନେ ନିଜେ ଅନୁଭବ କରିବେ। ସେତେବେଳେ କୌଣସି ପ୍ରଯୋଜିତ ପ୍ରଚାର ଫଳକ ଆବଶ୍ୟକ ହେବନାହିଁ।

ଗୁଣ୍ଡିଚା ବିହାର, ପୁରୀ
ମୋ : ୭୯୭୮୭୮୫୪୭୮

# କୃଷି ବିକାଶରେ କୃଷି ମହାବିଦ୍ୟାଳୟ



ପ୍ର. ବିଜୟ କୁମାର ମହାପାତ୍ର

କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ଆମ ରାଜ୍ୟର ଏକକ ସରକାରୀ କୃଷି ବିଶ୍ୱବିଦ୍ୟାଳୟ ଭାବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବିଗତ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବରେ ନିଜସ୍ୱ ଉତ୍କର୍ଷ ପ୍ରତିପାଦନ କରିଆସିଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କୃଷି ଓ ଆନୁଷଙ୍ଗିକ ବିଷୟ ଯଥା ଉଦ୍ୟାନ କୃଷି, ପଶୁ ଚିକିତ୍ସା ଏବଂ ପ୍ରାଣିପାଳନ, କୃଷି ବୈଷୟିକ, ବନ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ଗୋଷ୍ଠୀ ବିଜ୍ଞାନ, କଳା ଓ ମୌଳିକ ବିଜ୍ଞାନ, ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଇତ୍ୟାଦି ୧୦ ଗୋଟି ମହାବିଦ୍ୟାଳୟ ସହିତ ୧୦ ଗୋଟି ପଲିଟେକ୍‌ନିକ୍ କେନ୍ଦ୍ରରେ ସଫଳତାର ସହିତ ନିରନ୍ତର ଶିକ୍ଷାଦାନ କରାଯାଉଛି।

ଛାତ୍ରୀଛାତ୍ରଙ୍କର କୃଷି ବୈଷୟିକ ଜ୍ଞାନର ସଫଳ ସଦୁପଯୋଗ ନିମିତ୍ତ ସେମାନଙ୍କୁ ଶ୍ରେଣୀଗୃହ ଶିକ୍ଷା ସହ କୌଶଳ ବିକାଶ ନିମନ୍ତେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉଛି, ଯଦ୍ୱାରା ସେମାନେ ଚାଷୀ କ୍ଷେତରେ ଉପୁଜିଥିବା ଅସୁବିଧାକୁ ଦୂର କରିବାକୁ ସକ୍ଷମ ହୋଇପାରିବେ। ମାନବ ସମ୍ବଳର ବିକାଶ, ସ୍ଥିତି ଓ ସ୍ଥାନୀୟତା ଭିତ୍ତିରେ କୃଷକର ସର୍ବାଙ୍ଗୀନ ବିକାଶ, ଜୀବିକା ନିର୍ବାହ ଧାରାରେ ଉନ୍ନତୀକରଣ, ଉତ୍ପାଦନ ଓ ଉତ୍ପାଦିକତା ଶକ୍ତି ବୃଦ୍ଧି ସହ କୃଷକର ଆୟ ବୃଦ୍ଧି ଏବଂ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ସମ୍ପ୍ରତି ପରିବର୍ତ୍ତିତ ଢଙ୍ଗରେ କୃଷି ଶିକ୍ଷା ପ୍ରଦାନ କରାଯାଉଛି। ବିଗତ ଶିକ୍ଷାବର୍ଷରୁ କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆଣି ପ୍ରଚଳିତ କରିଥିବା ନୂଆ ଶିକ୍ଷାନୀତି–୨୦୨୦ ଅନୁସାରେ କୃଷି ଶିକ୍ଷା ପ୍ରଦାନ ଆରମ୍ଭ ହୋଇଛି। ଏଥିରେ ନୂଆ କରି ଯେଉଁ ଯେଉଁ ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି, ସେ ବିଷୟ ସବୁକୁ ନୂଆ ଶିକ୍ଷା ପଦ୍ଧତି ଭିତରେ ମିଶାଇ ରଖାଯାଇଛି। ଆଗରୁ କୃଷି ଶିକ୍ଷା ବିଷୟଟି ସମ୍ପୂର୍ଣ୍ଣ ୪ ବର୍ଷ ଅବଧିର ଥିଲା, କିନ୍ତୁ ଏବେ ବହୁବାର ଏହି ପାଠ୍ୟକ୍ରମ ଭିତରକୁ ପ୍ରବେଶ କିମ୍ବା ପ୍ରସ୍ଥାନର ବ୍ୟବସ୍ଥା ରହିଛି। ପ୍ରଥମ ବର୍ଷ ଶେଷରେ ଏବଂ ଦ୍ୱିତୀୟ ବର୍ଷ ଶେଷରେ ଜଣେ ଛାତ୍ର ଚାହିଁଲେ ସାର୍ଟିଫିକେଟ୍ ଅଥବା ଡିପ୍ଲୋମା ନେଇ ଏହି ପାଠ୍ୟକ୍ରମରୁ ପ୍ରସ୍ଥାନ କରିପାରିବ ଏବଂ ପରେ ପୁଣି ଆଉ ଦୁଇ ବର୍ଷର ପାଠ୍ୟକ୍ରମ ସମାପ୍ତ କରି କୃଷି ସ୍ନାତକ ଡିଗ୍ରୀ ହାସଲ କରିପାରିବ। ଏହାଛଡ଼ା ପ୍ରତି ସେମିଷ୍ଟରରେ ବୈଷୟିକ ଜ୍ଞାନ ସହ ବ୍ୟାବହାରିକ କୌଶଳ ବୃଦ୍ଧି ପାଇଁ ପାଠ୍ୟକ୍ରମରେ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ପ୍ରଥମ ବର୍ଷ ପାଠ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ନୂତନ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ସପ୍ତାହ ବ୍ୟାପୀ 'ଦୀକ୍ଷାରମ୍ଭ' ନାମକ ଏକ କାର୍ଯ୍ୟକ୍ରମ କରାଯାଉଛି; ଯାହା ମାଧ୍ୟମରେ ପିଲାମାନେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ବିଭାଗ ବିଷୟରେ ଅବଗତ ହେବା ସହ ବିଷୟ ପରିଚିତି, ପ୍ରୟୋଗଶାଳାର କାର୍ଯ୍ୟ ପ୍ରଣାଳୀ, କୃଷି ଆନୁଷଙ୍ଗିକ ବିଷୟକ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ବୁଲି ଦେଖିବା ଏବଂ ଚାଷୀମାନଙ୍କ କ୍ଷେତକୁ ଯାଇ ବିଭିନ୍ନ ଫସଲ ବିଷୟରେ ଅବଗତ ହେବା ସହ ତତ୍ ସମ୍ପର୍କିତ ବିଭିନ୍ନ ସୁବିଧା





ଅସୁବିଧା ବିଷୟରେ ଜାଣିବାକୁ ପାଇପାରୁଛନ୍ତି।

କୃଷି ଶିକ୍ଷା କ୍ଷେତ୍ରରେ ନୂତନ ଦିଗନ୍ତକୁ ବିଚାରକୁ ନେଲେ ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)କୁ ଭିତ୍ତି କରି ବିଭିନ୍ନ ଇଣ୍ଟରନେଟ୍ ଆପ୍ ମାଧ୍ୟମରେ କୃଷିରେ ସମସ୍ୟାର ଚିହ୍ନଟ ଏବଂ ତା'ର ପ୍ରତିକାର ପାଇଁ ପଦକ୍ଷେପମାନ ନିଆଯାଉଛି। ଡ୍ରୋନ୍ ସାହାଯ୍ୟରେ ଫସଲର ସ୍ଥିତି ପରଖିବା, ଔଷଧ ଏବଂ ହର୍ମୋନ ସିଞ୍ଚନ କରିବା ହେଉ ଅଥବା ରୋଗପୋକ ଏବଂ ଘାସ ଉପରେ ନଜର ରଖିବା, ବିଭିନ୍ନ ଆପ୍ ଏବଂ ମଡେଲ ସାହାଯ୍ୟରେ ପାଣିପାଗର ସ୍ଥିତି ଆକଳନ କରିବା, ସାର ଓ ରାସାୟନିକ ବ୍ୟବହାର କ୍ଷେତ୍ରରେ ନାନୋ ଟେକ୍ନୋଲୋଜିର ବ୍ୟବହାର ସହିତ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଜଳବାୟୁ ଅନୁକୂଳ ଚାଷ ପଦ୍ଧତି ଏସବୁ ବିଷୟରେ ନୂତନ ଜ୍ଞାନ କୌଶଳ ପ୍ରଦାନ ପାଇଁ ନୂତନ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରମାନଙ୍କର ଶୈକ୍ଷିକ ଗବେଷଣା କ୍ଷେତ୍ରରେ ଅତ୍ୟାଧୁନିକ ଓ ଅନନ୍ୟ ବିଷୟକ ଗବେଷଣା ପାଇଁ ଆମ ଦେଶର ତଥା ବିଦେଶର କେତେକ ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନ ସହିତ ବୁଝାମଣା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ତଥା ଦେଶର ନୀତି ନିର୍ଦ୍ଧାରକଠାରୁ ଆରମ୍ଭ କରି ରାଜ୍ୟ ତଥା କେନ୍ଦ୍ରର ପ୍ରଶାସନିକ ସେବା ହେଉ କିମ୍ବା କୃଷି ବୈଜ୍ଞାନିକ ଭାବେ ଅଥବା ଅନ୍ୟ ଯେକୌଣସି ଅନୁଷ୍ଠାନର ବିଶିଷ୍ଟ ପଦରେ ଏହି କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କାର୍ଯ୍ୟରତ। ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍.ଡି. ବିଭାଗରେ ଅଧୁନା ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବର୍ତ୍ତମାନ ଏହି କୃଷି ମହାବିଦ୍ୟାଳୟ, ଭୁବନେଶ୍ୱରରେ ଅଧ୍ୟୟନରତ ଅଛନ୍ତି। ସ୍ନାତକ ପାଠ୍ୟକ୍ରମ ପରେ ପିଲାମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ମୁତାବକ ଚାକିରିରେ ଯୋଗ ଦେଇ ସମାଜର ତଥା ଚାଷୀକୁଳର ସେବାରେ ନିଜକୁ ନିୟୋଜିତ କରିପାରୁଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ସହକାରୀ କୃଷି ଅଧିକାରୀ ହେଉ କିମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଥବା ସହକାରୀ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଏହିପରି ବିଭାଗରେ କାର୍ଯ୍ୟ କରିପାରୁଛନ୍ତି। ବିଭିନ୍ନ ଜାତୀୟକରଣ ଅବା ବେସରକାରୀ ବ୍ୟାଙ୍କରେ ଫିଲ୍‌ଡ ଅଫିସର ଅବା ପ୍ରୋବେସନାରି ଅଫିସର ହିସାବରେ ବୃତ୍ତିଗତ ସ୍ତରରେ କୃଷକଙ୍କ ସେବାରେ ନିୟୋଜିତ ହୋଇପାରୁଛନ୍ତି। ଏହାଛଡ଼ା ପ୍ରତିବର୍ଷ ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ବନସେବାରେ ବିଭିନ୍ନ ପଦ ପଦବୀରେ ଆମର ଛାତ୍ରୀଛାତ୍ରମାନେ ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି, ଯାହା ଆମ ମହାବିଦ୍ୟାଳୟ ପାଇଁ ଖୁବ୍ ଗର୍ବର ବିଷୟ। ଏପରିକି ଗତବର୍ଷ ଭାରତୀୟ ଲୋକସେବା ଆୟୋଗ ପରୀକ୍ଷାରେ ଦୁଇ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଛନ୍ତି, ଯାହା ଅନ୍ୟ ପିଲାମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାର ଉତ୍ସ ହୋଇପାରିଛି।

– ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଓୟୁଏଟି,
ଭୁବନେଶ୍ୱର, ମୋ:୯୪୩୭୨୨୫୮୮୩

## ଏଇ ଭାରତରେ

ଗୋଟିଏ ପଟେ ପରିବାର ପ୍ରତିପୋଷଣ, ଅନ୍ୟପଟେ ଲେଖିବାର ନିଶା। ଏ ଦୁଇଟିରେ ସମନ୍ୱୟ ରକ୍ଷାକରି ଜୀବନରେ ଆଗକୁ ବଢ଼ିଛନ୍ତି କୋଲକାତାର ପିଣ୍ଟୁ ପୋହାନ୍। ସେ କୋଲକାତାର ବେହେଲାରେ ପାନ ଦୋକାନ କରିଛନ୍ତି। ସେଥିରୁ ଯାହା ରୋଜଗାର କରୁଛନ୍ତି ସେଥିରେ ତାଙ୍କ ପରିବାର ଚଳୁଛି ଏବଂ ସେଥିରେ ମଧ୍ୟ ସେ ବହି ଛାପୁଛନ୍ତି। ଏବେସୁଦ୍ଧା ସେ ୧୨ଟି ବହି ବେଙ୍ଗଲୀ ଭାଷାରେ ଲେଖି ସାରିଲେଣି। ଲୋକଙ୍କୁ ପାନ ଦେଇସାରି ସାଙ୍ଗେ ସାଙ୍ଗେ ସେ ଦୋକାନରେ ଲେଖିବା ଆରମ୍ଭ କରିଦିଅନ୍ତି। ବେହେଲାଠାରୁ ଦୁଇ କିଲୋମିଟର ଦୂର ମଦନମୋହନତାଲାରେ ତାଙ୍କ ପିଲାଦିନ ବହୁ ପ୍ରତିକୂଳ ପରିସ୍ଥିତିରେ କଟିଛି। ଫଳରେ ଅଧିକ ପଢି ନ ପାରି ସେ ଦଶମରୁ ପାଠ ଛାଡ଼ି ଏକ ଫ୍ୟାକ୍ଟ୍ରିରେ ହେଲ୍‌ପର ଭାବେ କାମ କରିଥିଲେ। ସେହି ରୋଜଗାରରେ ପୁଣି ପଢ଼ିଥିଲେ ଓ ବେଙ୍ଗଲୀ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ତାଙ୍କ ପାଇଁ ଥିଲା ବଡ଼ ସଫଳତା। ସେ ପାନ ବିକିବା ସହ କମ୍ପ୍ୟୁଟର କ୍ଲାସ ଓ ଲାଙ୍ଗୁଏଜ ଡିପ୍ଲୋମା କୋର୍ସ ମଧ୍ୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୭୬**

- ଚନ୍ଦ୍ରପୃଷ୍ଠରୁ ନମୁନାମାଟି ସଂଗ୍ରହ କରି ଲୁନା ୨୪ ମହାକାଶଯାନ ରୁଷ ଭୂପୃଷ୍ଠରେ ଅବତରଣ କରିଥିବା ରୁଷ ରେଡିଓ ସୂତ୍ରରୁ ଜଣାପଡ଼ିଛି।
- ଫିଲିପାଇନ୍‌ସର ଦକ୍ଷିଣାଞ୍ଚଳରେ ହୋଇଯାଇଥିବା ଭୂମିକମ୍ପ ପରେ ୮ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ ପ୍ରକାଶ କରିଛନ୍ତି।
- ରେୱାଠାରେ ଗୋଟିଏ ଯାତ୍ରୀବାହୀ ଘରୋଇ ବସ୍ ଏକ ନଦୀବନ୍ଧ ଉପରୁ ତଳକୁ ଖସିପଡ଼ିବା ଫଳରେ ୮୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା।

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | 5 | 7 | 9 | |
| | | | | | | | 8 | |
| 1 | | | | | | | | |
| | | | 2 | | | | 3 | 9 |
| | | 1 | | | | 4 | | |
| | | 3 | 6 | 7 | | | | 1 |
| 9 | | 6 | | | 1 | | | 3 |
| | | 2 | | 6 | | | | |
| 5 | | | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 1 | 4 | 9 | 5 | 6 | 3 |
| 5 | 6 | 9 | 3 | 2 | 8 | 4 | 7 | 1 |
| 4 | 3 | 1 | 5 | 7 | 6 | 8 | 9 | 2 |
| 6 | 4 | 5 | 7 | 8 | 3 | 2 | 1 | 9 |
| 2 | 7 | 8 | 6 | 9 | 1 | 3 | 5 | 4 |
| 9 | 1 | 3 | 4 | 5 | 2 | 6 | 8 | 7 |
| 3 | 5 | 4 | 8 | 1 | 7 | 9 | 2 | 6 |
| 8 | 2 | 7 | 9 | 6 | 4 | 1 | 3 | 5 |
| 1 | 9 | 6 | 2 | 3 | 5 | 7 | 4 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶାନ୍ତି ପ୍ରତିଷ୍ଠାରେ ନିରପେକ୍ଷତା ଜରୁରୀ

ମହାଶୟ,
ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁରୋପୀୟ ରାଷ୍ଟ୍ର ସଂଘ ରୁଷିଆର ଆକ୍ରମଣରେ ୟୁକ୍ରେନରେ ବ୍ୟାପକ କ୍ଷୟକ୍ଷତି ହେଉଛି ବୋଲି ରୁଷିଆକୁ ଦାୟୀ କରୁଛନ୍ତି। ୟୁକ୍ରେନକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାମରିକ ଓ ଆର୍ଥିକ ସହାୟତା ପ୍ରଦାନ କରି ରୁଷିଆ ବିରୋଧରେ ସେମାନେ ଯୁଦ୍ଧ କରାଇବା ନ୍ୟାୟୋଚିତ ନୁହେଁ। ଅପରପକ୍ଷରେ ଇସ୍ରାଏଲର ଅମାନୁଷିକ ବର୍ବରୋଚିତ ଆକ୍ରମଣରେ ସମଗ୍ର ଗାଜା ଏକ ଧ୍ୱଂସସ୍ତୂପରେ ପରିଣତ ହେବା, ୧ ଲକ୍ଷ ପାଲେଷ୍ଟାଇନ ଅଧିବାସୀଙ୍କ ମୃତ୍ୟୁ, ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ବେଘର ହେଲେଣି। ଗାଜାବାସୀଙ୍କର ଖାଦ୍ୟାଭାବଜନିତ ମୃତ୍ୟୁ ହେଉଛି। ଏହା ଏକ ଅକ୍ଷମଣୀୟ ଯୁଦ୍ଧ ଅପରାଧ ବୋଲି ଜାଣି ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ସ୍ଥାୟୀ ଶାନ୍ତି ସନ୍ଧି ଜରୁରୀ। ଶାନ୍ତି ପ୍ରତିଷ୍ଠାରେ ବଳପୂର୍ବକ ଭାବେ କୌଣସି ପ୍ରକାରର ପକ୍ଷପାତିତା ପରିବର୍ତ୍ତେ ନିରପେକ୍ଷତା ଓ ନ୍ୟାୟିକ ବାତାନୁକୂଳ ନୀତିକୁ ଗୁରୁତ୍ୱ ସହ ଧ୍ୟାନ ଦେବା ଆବଶ୍ୟକ। ଶାନ୍ତି ପ୍ରତିଷ୍ଠାରେ ଏପରି କୌଣସି ନିଷ୍ପତ୍ତି ନ ଆସୁ, ଯେପରି ଭବିଷ୍ୟତରେ ଆଉ ଏକ ତୃତୀୟ-ବିଶ୍ୱଯୁଦ୍ଧର ପୁନରାବୃତ୍ତିର କାରଣ ହେବ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାଇକ୍ ଜବତ, ଜଣେ ଗିରଫ**

ବଇଣ୍ଡା, (ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶୁକ୍ରବାର ଠାକୁରଗଡ଼ ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିବା ସହ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଡାକି ବେହେରାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକକୁ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ରାସ୍ତା ଧୋଇଗଲା, ୫୦ ପରିବାର ବିଚ୍ଛିନ୍ନ

## କ୍ଷୁଦ୍ର ଜଳସେଚନ ବିଭାଗକୁ ଦୋଷ ଦେଲେ ଲୋକେ

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)



ଅନୁଗୋଳ ଜିଲାରେ ୨ ଦିନ ହେଲା ଲଗାଣ ବର୍ଷା ଫଳରେ ଅନେକ ନାଳ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଛେଣ୍ଡିପଦା ବ୍ଲକର ଟାଙ୍ଗିରି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗର ତ୍ରୁଟି ଯୋଗୁ ରାସ୍ତା ଧୋଇ ଯାଇଥିବା ଅଭିଯୋଗ ହୋଇଛି। ଫଳରେ ଟାଙ୍ଗିରିରୁ ପୋଡ଼ାପଡ଼ା ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଟାଙ୍ଗିରୀ ଗାଁର ଏକ ସାହି ସମ୍ପୂର୍ଣ୍ଣ ଭାବରେ ଗାଁରୁ ବିଚ୍ଛିନ୍ନ ହୋଇଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଟାଙ୍ଗିରି-ପୋଡ଼ାପଡ଼ା ରାସ୍ତାରେ ବର୍ଜୁରା ନାଳ ରହିଛି। ୩ ବର୍ଷ ତଳେ ନାଳ ଉପରେ ବ୍ରିଜ୍ ନିର୍ମାଣ ହୋଇଥିଲା। ତେବେ ୨ ବର୍ଷ ତଳେ ସେହି ବ୍ରିଜ୍‌ର ମାତ୍ର ୫୦ ମିଟର ଦୂରରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ତେବେ ମାପ ଠିକ୍ ନ ଥିବା ଓ କେନାଲ ନିର୍ମାଣ କରା ନ ଯିବା ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। ବର୍ଜୁରା ନାଳରେ ବନ୍ୟା ପାଣି ଆସିଥିବାରୁ ଚେକ୍ ଡ୍ୟାମ୍ ଦେଇ ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ବ୍ରିଜ୍ ଉପରେ ପାଣି ଯିବା ସହ ବ୍ରିଜ୍ ନିକଟରୁ ମାଟି ଧୋଇଯାଇଛି। ୧୦ ଫୁଟ ଗଭୀର ଘାଇ ହୋଇ ଗମନାଗମନ ବାଧାପ୍ରାପ୍ତ ହୋଇଛି। ୫୦ ପରିବାରର ୨୦୦ରୁ ଊର୍ଦ୍ଧ୍ୱ ଲୋକ ଗାଁରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଯାଇପାରୁ ନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମରେଶ ନାଥ କହିଛନ୍ତି, ଗତବର୍ଷ ଏହି ଅସୁବିଧା ହେବାରୁ ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଓ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଚେକ୍ ଡ୍ୟାମ୍ କାନ୍ଥକୁ କାଟି ଛୋଟ କରିବା ସହ କେନାଲ ନିର୍ମାଣ ପାଇଁ ଲିଖିତ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଚଳିତବର୍ଷ ଏହି ଅସୁବିଧା ଦେଖାଦେଇଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବିଶ୍ୱାଳ କହିଛନ୍ତି, କ୍ରଂକିଟ୍ କାମ କରାଯିବ। ଏ ବାବଦ ଅର୍ଥ ମିଳିବା ପରେ ଶୀଘ୍ର କାମ କରାଯିବ।

# ଯୋଗାସନ ପ୍ରତିଯୋଗିତାରେ ଅନୁଗୋଳକୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣପଦକ ହାସଲ କରିଥିବା ଅନୁଗୋଳର ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

ଅନୁଗୋଳ, ୨୩।୮ (ମାନସ ବିଶ୍ୱାଳ)

ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ୪ଟି ସ୍ୱର୍ଣ୍ଣ ପଦକ ମିଳିଛି। ଏହା ଜିଲାକୁ ଗୌରବାନ୍ୱିତ କରିବା ସହ ଯୋଗାସନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ସାହିତ କରିଛି। ବିଜେତାମାନଙ୍କୁ ବିଭିନ୍ନ ସଙ୍ଗଠନ ଓ କ୍ରୀଡ଼ାପ୍ରେମୀଙ୍କ ତରଫରୁ ଶୁଭେଚ୍ଛା ଜଣାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ୬ଷ୍ଠତମ ଯୋଗାସନ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲାରୁ ୧୫ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ନିକିତ କୁମାର ଯାଦବ, ସୁମିତ୍ରା ପ୍ରଧାନ, ସୁପ୍ରିୟା ପ୍ରଧାନ ଓ ସିନିଅର ମହିଳା ବିଭାଗରେ ଜୁଲି ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟିମ୍ ମ୍ୟାନେଜର ଭାବେ ସୁବ୍ରତ କୁମାର ବାରିକ ଓ କୋଚ ଭାବେ ଆସିତ୍ କୁମାର ସାହୁ ଯୋଗ ଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅୟସକାନ୍ତ ଦାସ, ସସ୍ମିତା ବେହେରା, ଗୌରଚରଣ ସାହୁ, କମିଟି ତରଫରୁ ଉଚ୍ଚପ୍ରଶଂସା କରାଯାଇଛି।

## ଘର ମାଲିକଙ୍କୁ ଭଡ଼ାଟିଆଙ୍କ ଆକ୍ରମଣ

ଅନୁଗୋଳ, ୨୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ସଦର ଥାନା ପୁରୁଣା ଜରାସିଂହା ଗ୍ରାମରେ ଶୁକ୍ରବାର ଭଡ଼ାଟିଆଙ୍କ ମାଡ଼ରେ ଘର ମାଲିକିଆଣୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଘର ମାଲିକ ଏକ ଦମ୍ପତିଙ୍କୁ ୨ ବର୍ଷ ହେଲା ଘର ଭଡ଼ା ଦେଇଥିଲେ। ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଭଡ଼ାଟିଆ ଦମ୍ପତି ଭଡ଼ା ବାବଦ ଅର୍ଥ ସହ ଇଲେକ୍ଟ୍ରି ଓ ପାଣି ବିଲ୍ ଦେଉ ନ ଥିବା ବେଳେ ଘରଛାଡ଼ି ଲୁଚି ପଳାଇବାକୁ ଉଦ୍ୟମ କରିଥିଲେ। ଘର ମାଲିକିଆଣୀ ପ୍ରତିବାଦ କରିବାରୁ ଦମ୍ପତି ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ହାତୀ ଯୋଗୁ ବ୍ୟାପକ ଫସଲ ନଷ୍ଟ



ହାତୀପଲ ଫସଲ ନଷ୍ଟ କରିଛନ୍ତି।

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତରେ ଦୁଇଦିନ ହେଲା ହାତୀ ଉପଦ୍ରବ ଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଗୁରୁବାର ରାତିରେ ଡେବୁଡୁ ଜଙ୍ଗଲ ପଟରୁ ପ୍ରାୟ ୧୭ ଟିକିଆ ହାତୀପଲ ବାରମଞ୍ଚା ଜଙ୍ଗଲ ଆଡ଼କୁ ପଳାଇ ଆସିଥିଲେ। ବନ ବିଭାଗ ହାତୀପଲକୁ ଜଗିବା ସହ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲା। ତେବେ ଲଗାଣ ବର୍ଷା ଯୋଗୁ ଆଉଁଳି ନଦୀରେ ବନ୍ୟା ଆସିବା ଫଳରେ ହାତୀପଲ ଆଉ ଡେବୁଡୁ ଫେରିପାରି ନ ଥିଲେ। ଫଳରେ ହାତୀ ୨ଦିନ ହେଲା ଟାଙ୍ଗିରି ପଞ୍ଚାୟତର ବାରମଞ୍ଚା, ବାରମଞ୍ଚା ଜଙ୍ଗଲ, ବିରପାଳ, ପୁରୁଣାଗଡ଼, ଟାଙ୍ଗିରି ଆଦି ଅଞ୍ଚଳରେ ରହି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ବିରପାଳ ଗ୍ରାମର ଚାଷୀ ରଞ୍ଜନ ପ୍ରଧାନଙ୍କ ୨ ଏକରରେ ଲାଗିଥିବା ବାଇଗଣ ଓ କୋବି ଫସଲ ନଷ୍ଟ ହୋଇଛି। ପପୁଲାର ପ୍ରଧାନଙ୍କ କୋବି ଓ ଧାନ ଫସଲ, ଟାଙ୍ଗିରିର ବିଦ୍ୟାଧର ପ୍ରଧାନ, ବିରଞ୍ଚି ସାହୁ, ବଳରାମ ସାହୁ ପ୍ରମୁଖଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। କିଶୋର ନାଥଙ୍କ ୪ ଏକର ଜମିରୁ ବାଦାମ, ରଘୁ ସେଠୀଙ୍କ ବାଦାମ, ମନୋଜ ପ୍ରଧାନଙ୍କ କୋବି ଫସଲ ବ୍ୟାପକ ଭାବେ ନଷ୍ଟ କରିଦେଇଛନ୍ତି ହାତୀ। ହାତୀ ପଲରୁ କେତୋଟି ହାତୀ ବାମନାଳି ଜଙ୍ଗଲ ଆଡକୁ ପଳାଇଥିବା ବେଳେ ୨ଟି ହାତୀ ଏହି ଅଞ୍ଚଳରେ ଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।




## ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଅଙ୍ଗପଡ଼ା ଅଞ୍ଚଳର ପ୍ରଭାସିନୀ ନାୟକଙ୍କୁ ତାଙ୍କ ସ୍ୱାମୀ ପବିତ୍ର ନାୟକ ମାଡ଼ ମାରୁଥିବା ପ୍ରଭାସିନୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୪୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଦୀର୍ଘବର୍ଷ ହେବ ବିନା କାରଣରେ ପ୍ରଭାସିନୀଙ୍କୁ ପବିତ୍ର ମାଡ଼ ମାରୁଛନ୍ତି। ପୂର୍ବରୁ ଏପରି ଅଭିଯୋଗର ସମାଧାନ ଥାନାରେ ହୋଇଥିଲା। ହେଲେ ପ୍ରଭାସିନୀଙ୍କୁ ପୁଣି ମାଡ଼ ମାରିବା ସହ ପୁଅକୁ ନେଇ ପବିତ୍ର କୁଆଡ଼େ ଚାଲିଯାଇଥିବା ଅଭିଯୋଗ ହୋଇଛି।

## ଅଖଣ୍ଡ ଭାରତ ଦିବସ ପାଳିତ

ସନ୍ତ୍ରିଛକ, ୨୩।୮ (ସନ୍ତୋଷ ପରିଡ଼ା)

ବଅଁରପାଳ ପିଏସ୍‌ଏସ୍‌ଜେ କଲେଜରେ କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଦିବ୍ୟରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ଭାରତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣ୍ଡ କାର୍ଯ୍ୟବାହ ଶ୍ରୀବସ୍ସ ଖୁଣ୍ଟିଆ, ଧର୍ମ ଜାଗରଣ ସଂଯୋଜକ ସୁମନ୍ତ ସାମଲ ପୂର୍ଣ୍ଣେନ୍ଦୁ ଭୂତିଆ, ରାଜେଶ କୁମାର ଜେନା, ମୁଖ୍ୟବକ୍ତା ଭାବେ ସଂଘ ବିଭାଗ କାର୍ଯ୍ୟବାହ ପ୍ରଭାତ ଧର ଯୋଗଦେଇଥିଲେ। ବିଶ୍ୱଦେବ ପତି, ଅନିଲ ସାହୁ, ରାଜେନ୍ଦ୍ର ପ୍ରଧାନ, ସର୍ବେଶ୍ୱର ସାହୁ, ସୌରଭ ସାମଲ ଉପସ୍ଥିତ ଥିଲେ।

# ଗଣପର୍ବ ଗଣେଶ ପୂଜା ପାଇଁ ସଜେଇ ହେଉଛି ତାଳଚେର



ତାଳଚେର, ୨୩।୮ (ମନୋଜ ନନ୍ଦ)

ଆସନ୍ତା ୨୭ରେ ଗଣେଶ ପୂଜା। ଅନୁଗୋଳ ଜିଲା ତାଳଚେରରେ ଏହା ଗଣପର୍ବ। ତେଣୁ ଏହି ଗଣପର୍ବ ପାଳନ ପାଇଁ ତାଳଚେର ସହର ସଜେଇ ହେବା ଆରମ୍ଭ କରିଛି। ପୂଜା ମଣ୍ଡପ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଯାଏ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଚଳିତ ବର୍ଷର ଲଗାଣ ବର୍ଷା ଏଥିରେ ବାଧକ ସାଜିଛି।

ଚଳିତବର୍ଷ ତାଳଚେରରେ ୧୦୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଇବେ ପ୍ରଭୁ ଗଜାନନ। ଆସନ୍ତା ୨୭ରୁ ଏହି ପୂଜା ଆରମ୍ଭ ହୋଇ ୭ ତାରିଖ ଇନ୍ଦୁ ପୂର୍ଣ୍ଣିମା ଦିନ ଭସାଣି ଉତ୍ସବ ସହ ଶେଷ ହେବ। ତେଣୁ ଦୀର୍ଘ ୧୧ ଦିନ ପର୍ଯ୍ୟନ୍ତ ସମସ୍ତ ପୂଜା ମଣ୍ଡପରେ ପୂଜା ପାଇବେ ଶ୍ରୀଗଣେଶ। ଏଥିପାଇଁ ମୂର୍ତ୍ତି କାରିଗରଙ୍କଠାରୁ ଆରମ୍ଭ କରି ମଣ୍ଡପ କର୍ମକର୍ତ୍ତା, ପୋଲିସ ପ୍ରଶାସନ ପ୍ରସ୍ତୁତି କାର୍ଯ୍ୟ ଆଗେଇ ନେଉଛନ୍ତି। ଉଠା ଦୋକାନୀମାନେ ଏବେଠାରୁ ସହରରେ ଭିଡ଼ ଜମାଇଲେଣି। ସେହିପରି ଚଳିତବର୍ଷର ପୁରସ୍କାର ହାତେଇବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ମନୋଭାବ ନେଇ ସାଜସଜ୍ଜା ଆରମ୍ଭ ହୋଇଛି। ତୋରଣ ଓ ମୂର୍ତ୍ତିକୁ ସୁସଜ୍ଜିତ କରିବା ପାଇଁ ବାହାର ରାଜ୍ୟରୁ କାରିଗର ଅଣାଯାଇଛି। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ତୋରଣ ଓ ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ପରିବେଷଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟର କୋଣ ଅନୁକୋଣରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାକୁ ଥିବାରୁ ପୋଲିସ, ପ୍ରଶାସନ ଓ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଚଳିତବର୍ଷ ଭସାଣି ପୂର୍ବ ଦିନ ୪ ଟନ୍ ବିଶିଷ୍ଟ ଲଡ୍ଡୁକୁ ନିଲାମ କରିବାକୁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

होटल प्रबंध और खान-पान प्रौद्योगिकी तथा अनुप्रयुक्त पोषाहार संस्थान, भुवनेश्वर
ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ
ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦
ଫୋନ୍: (୦୬୭୪) ୨୫୮୯୨୪୧, ମୋବାଇଲ: ୯୪୩୭୫୭୪୪୬୫, www.ihmbbs.org
(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

**ନାମଲେଖା ବିଜ୍ଞପ୍ତି ୨୦୨୫-୨୬**

ନିର୍ଦ୍ଦିଷ୍ଟ ଆବେଦନ ଫର୍ମାଟ୍ www.ihmbbs.org ରୁ ଟାଇପ୍ କରାଯାଇଥିବା / ଡାଉନଲୋଡ୍) ଅନୁଯାୟୀ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନିମ୍ନଲିଖିତ କୋର୍ସଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପତ୍ର ଆମନ୍ତ୍ରିତ କରାଯାଉଛି:

| କ୍ର.ନଂ. | ପାଠ୍ୟକ୍ରମର ନାମ | ଅବଧି |
|---|---|---|
| ୧. | ବି.ଏସ୍.ସି. ଇନ୍ ହସ୍ପିଟାଲିଟି ଆଣ୍ଡ ହୋଟେଲ୍ ଆଡମିନିଷ୍ଟ୍ରେସନ୍ | ୩ ବର୍ଷ |
| ୨. | ଡିପ୍ଲୋମା ଇନ୍ ହାଉସ୍ କିପିଙ୍ଗ୍ ଅପରେସନ୍ | ୧ ୧/୨ ବର୍ଷ |
| ୩. | ଡିପ୍ଲୋମା ଇନ୍ ଫୁଡ୍ ଆଣ୍ଡ ବେଭେରେଜ୍ ସର୍ଭିସ୍ | ୧ ୧/୨ ବର୍ଷ |

ଯୋଗ୍ୟତା:
- ବି.ଏସ୍.ସି.ଏଚ୍ /ଏଚ୍ ଏ: ୧୦+୨ କିମ୍ବା ସମକକ୍ଷ, ଇଂରାଜୀ ବିଷୟ ଥିବା ଆବଶ୍ୟକ ।
- ଡିପ୍ଲୋମା କୋର୍ସ: ୧୦+୨ କିମ୍ବା ସମକକ୍ଷ
- ବୟସ ସୀମା: କୌଣସି ବୟସ ସୀମା ନାହିଁ ।

ବିଶେଷ ବ୍ୟବସ୍ଥା:
- SC/ST/OBC/PH ଶ୍ରେଣୀ ପାଇଁ ସରକାରୀ ନିୟମାବଳୀ ଅନୁଯାୟୀ ସିଟ୍ ସଂରକ୍ଷିତ ।
- କେନ୍ଦୁଝର ଜିଲ୍ଲାର ଖଣି ପ୍ରଭାବିତ ବ୍ଲକ୍ ଗୁଡ଼ିକର ସ୍ଥାୟୀ ନିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।

ଆବେଦନ ପ୍ରକ୍ରିୟା:
- ପାସପୋର୍ଟ ଆକାରର ଫଟୋ ଏବଂ ସାର୍ଟିଫିକେଟ୍/ ମାର୍କସିଟ୍‌ର ଅଟେଷ୍ଟେଡ୍ କପି ସହିତ ପୂରଣ କରାଯାଇଥିବା ଆବେଦନପତ୍ର ନିମ୍ନଲିଖିତ ଠିକଣାରେ ଦାଖଲ କରିବାକୁ ପଡିବ ।

The Principal
Institute of Hotel Management, Catering Technology & Applied Nutrition V.S.S. Nagar, Bhubaneswar - 751010

- ଆବେଦନ ଦାଖଲ କରିବାର ଶେଷ ତାରିଖ: ୨୬ ଅଗଷ୍ଟ ୨୦୨୫
- ଚୟନ ଯୋଗ୍ୟତା ଆଧାରରେ ହେବ (qualifying marks)।
- ଅଧିକ କୋର୍ସ ପାଇଁ ଆବେଦନ କରିବାକୁ ହେଲେ, ପୃଥକ ଆବେଦନପତ୍ର ପଠାଇବା ଆବଶ୍ୟକ ।

ସ୍ୱା/-
ପ୍ରିନ୍ସିପାଲ

## ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କଠାରେ ଅଭିଯୋଗ

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡାଠାରେ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ମାଣ ହେଉଥିବା ଜାତୀୟ ରାଜପଥ କାମ ସରୁନାହିଁ। ଉଭୟ ପାର୍ଶ୍ୱରେ ଥିବା ରାସ୍ତା ୨ଟି ଶେଷହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଶନିବାର ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ରାସ୍ତା କାମ ବିଳମ୍ବ ଯୋଗୁ ବଇଣ୍ଡା ଅଞ୍ଚଳର ବ୍ୟବସାୟୀମାନଙ୍କ ବ୍ୟାପକ କ୍ଷତି ହେଉଛି। ବଇଣ୍ଡା ଛକ ଫ୍ଲାଏ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତାକୁ ଗତ ଜୁଲାଇରୁ ଖୋଳିଦିଆଯାଇଥିବା ଯୋଗୁ ଯାତାୟାତରେ ଅସୁବିଧା ଉପୁଜୁଛି। ଫଳରେ ଏହି ରାସ୍ତା ଦେଇ କୌଣସି ଗାଡ଼ି ଯାତାୟାତ କରୁନାହିଁ। ତୁରନ୍ତ ଉଭୟ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ଗ୍ରାମର ପାପୁନା ମହାପାତ୍ର, ସୁଶାନ୍ତ ସାହୁ, ଅଲେଖ ସାହୁ, ଦୀପକ କୁମାର ସାହୁ, ରୋହିତ ସାହୁ, ରଞ୍ଜନ ବେହେରାଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ସର୍ଭେ କାର୍ଯ୍ୟ ବେଳେ ୨ କର୍ମଚାରୀ ଅଟକ

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)

ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଓ ଜମୁନାଳି ଗାଁ ନିକଟରେ ଜିଏମ୍‌ଡିସି କମ୍ପାନୀର ସର୍ଭେ ବେଳେ କ୍ଷତିଗ୍ରସ୍ତ ଗ୍ରାମବାସୀ ବିରୋଧ କରିବା ସହ ୨ କର୍ମଚାରୀଙ୍କୁ ଅଟକ ରଖିଥିଲେ। ସୂଚନା ଅନୁଯାୟୀ, କମ୍ପାନୀ ପକ୍ଷରୁ କୋଇଲା ଖଣି ପାଇଁ ଜାମୁନାଳି ଗାଁର ପଡ଼ିଆନାଳି ଠାରେ ସର୍ଭେ କରାଯାଉଥିଲା। ଖବରପାଇ କ୍ଷତିଗ୍ରସ୍ତ ଗ୍ରାମବାସୀ ବିରୋଧ କରିଥିଲେ। ବାରମ୍ବାର ବିରୋଧ ସତ୍ତ୍ୱେ କମ୍ପାନୀ କର୍ମଚାରୀ ସର୍ଭେ କରୁଥିବାରୁ ୨ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଛେଣ୍ଡିପଦା ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ପୋଲିସ, ଗ୍ରାମବାସୀ ଓ କମ୍ପାନୀ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କ୍ଷତିଗ୍ରସ୍ତ କର୍ମଚାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ୨ ସପ୍ତାହ ମଧ୍ୟରେ ବୈଠକ କରାଯିବ ବୋଲି ପୋଲିସ କହିବା ପରେ ଅଟକ କର୍ମଚାରୀଙ୍କୁ ଛଡ଼ାଯାଇଥିଲା। ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ସର୍ଭେ ହେଲେ ବିରୋଧ କରାଯିବ ବୋଲି ଗ୍ରାମର ପୂର୍ବତନ ସଭାପତି ଭରତ ନାୟକ ପ୍ରକାଶ କରିଛନ୍ତି।



ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ
(ରକ୍ତତୀର୍ଥ ପାପଡ଼ାହାଣ୍ଡିର ଶହୀଦମାନଙ୍କ ସ୍ମୃତିରେ)
୨୪ ଅଗଷ୍ଟ, ୨୦୨୫
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ସାଂସଦ, ନବରଙ୍ଗପୁର

ସମ୍ମାନନୀୟ ଅତିଥିବୃନ୍ଦ
ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକ ବୃନ୍ଦ

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ଧନ୍ୟବାଦ ଅର୍ପଣ
ଡଃ ଗୋଦାବରୀଶ ମହାପାତ୍ର
ପ୍ରତିଷ୍ଠାତା ସଦସ୍ୟ, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

"ଭାରତ ବର୍ଷର ସ୍ୱାଧୀନତା ପାଇଁ ଏ ଅଞ୍ଚଳର ଅବଦାନ ବହୁ ଉଚ୍ଚରେ ରହିଛି । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏ ଅଞ୍ଚଳ ଯେଉଁ ଆତ୍ମ ବଳିଦାନ ଓ ତ୍ୟାଗର ପରାକାଷ୍ଠା ଦେଖାଇଥିଲା ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ"
(ଲୋକ ନାୟକ ଜୟ ପ୍ରକାଶ ନାରାୟଣ ୧୯୪୫ ମସିହାରେ ନବରଙ୍ଗପୁର ଜିଲ୍ଲାର ବିଜାପୁର ଗ୍ରାମରେ ଅନୁଷ୍ଠିତ ସାଧାରଣ ସଭାରେ ଦେଇଥିବା ବକ୍ତବ୍ୟ)

OIPR-15001/13/0974/2526





# ଏନ୍ଏସି ମାନ୍ୟତା ନେଇ ଜରୁରୀ ବୈଠକ



ରାସୋଳ,୨୩।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଡାକବଙ୍ଗଳା ଠାରେ ଶନିବାର ଅପରାହ୍ନରେ ବିକାଶ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସଞ୍ଜୟ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ଦୁଇଟି ପ୍ରସ୍ତାବ ଉପରେ ଆଲୋଚନା କରିବାକୁ କହିଥିଲେ । ଗୋଟିଏ ହେଲା ରାସୋଳକୁ ଏନ୍ଏସି ମାନ୍ୟତା ପ୍ରଦାନ କରିବା ଓ ଅନ୍ୟଟି ରାସୋଳ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପ୍ରଦାନ । ବିଜେଡି ସରକାର ଅମଳରେ ରାସୋଳକୁ ଏନ୍ଏସି ମାନ୍ୟତା ଦେବାକୁ ଘୋଷଣା ହୋଇଥିଲେ ମଧ ବର୍ତ୍ତମାନ ଭାଜପା ସରକାର ଘୋଷଣା କରିଥିବା ଏନ୍ଏସି ମଧ୍ୟରୁ ରାସୋଳ ନାମ ନଥିବା ବୈଠକରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ରାସୋଳକୁ ଏନ୍ଏସି ମାନ୍ୟତା ଦାବୀରେ ସର୍ବସମ୍ମତି କ୍ରମେ ଏକ ସ୍ମାରକପତ୍ର ବିଧାୟିକା, ଏମ୍‌ପି, ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଆଗାମୀ ଦିନରେ ଦିଆଯିବାକୁ ନିଷ୍ପତି ନିଆଯାଇଥିଲା। ଆଗାମୀ ସପ୍ତାହରେ ବିଧାୟିକା ସୀମାରାଣୀ ନାୟକ, ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହାର ଅଗ୍ରଗତି ଦିଗରେ ପଦକ୍ଷେପ ନେବେ ବୋଲି ହିନ୍ଦୋଳ ବ୍ଲକ ଉପାଧକ୍ଷ ବରୁଣ ସର ସୂଚନା ଦେଇଥିଲେ । ବିକାଶ ପରିଷଦ ଦୃଢ ଦାବୀ କରିବା ପାଇଁ ପ୍ରସ୍ତାବ ଦେଇଛି । ଏଥିରେ ବରିଷ୍ଠ ସଭ୍ୟ ପୂର୍ବତନ ବିଧାୟକ ମହେଶ୍ୱର ନାୟକ, ପଠାଣୀ ନାୟକ, ବିଭୁ ପ୍ରସାଦ ଶତପଥୀ, ସରୋଜ ସାହୁ, ମହେନ୍ଦ୍ର ମିଶ୍ର, ଅନିଲ ସର, ରଫିକ ଖାଁ, ଚନ୍ଦନ ନାୟକ, ବିନୟ ସାହୁ, ମନୋଜ ନାଥ, ଲିଙ୍ଗରାଜ ପ୍ରମୁଖଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ନିଟ୍ ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ଢେଙ୍କାନାଳ,୨୩।୮ (ରତନ ନାୟାର)



ସ୍ୱୟଂପ୍ରକାଶ ଷଡଙ୍ଗୀ

ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଂଚଳର ସ୍ୱୟଂପ୍ରକାଶ ଷଡଙ୍ଗୀ ଚଳିତବର୍ଷ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୯୨୮ ର୍ୟାଙ୍କରେ ରହିଛନ୍ତି। ସେ ମେଡିକାଲ ପାଠ୍ୟକ୍ରମ ପାଇଁ କୋରାପୁଟସ୍ଥିତ ସହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି । ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିବା ଜୀବନର ଲକ୍ଷ୍ୟ ରହିଛି । ସେ ଢେଙ୍କାନାଳ ମଂଟଫୋର୍ଟ ସ୍କୁଲର ଜଣେ ମେଧାବୀ ଛାତ୍ର ଥିଲେ । ସେ କୁଞ୍ଜକାନ୍ତ ଅଂଚଳର ସୌଦାମୀନି ଷଡଙ୍ଗୀ ଓ ସୁଶାନ୍ତ ଷଡଙ୍ଗୀଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳି ବିନା କୋଚିଂରେ ସେ ସଫଳତା ହାସଲ କରିଥିବା ତାଙ୍କ ପିତା ସୂଚନା ଦେଇଛନ୍ତି ।

# ବୃଦ୍ଧଙ୍କୁ ଧକ୍କାମାରି ଲୁଟିଲେ ଦୁର୍ବୃତ୍ତ

ଭୁବନ, ୨୩।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଡେଙ୍ଗାହାଳ ଗ୍ରାମର ରବି ନାରାୟଣ ନାୟକଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି । ନାତିର ଚିକିତ୍ସା ପାଇଁ ରଖିଥିବା ୭ ହଜାର ଟଙ୍କା, ଦୁଇଟି ଆଟାଚରେ ଥିବା ଶାଢ଼ୀ ଲୁଟ ହୋଇଯାଇଥିବା ଭୁବନ ଥାନାରେ ଅଭିଯୋଗ ହୋଇଛି। ଡେଙ୍ଗାବାହାଳି ଗ୍ରାମର ଉପର ସାହିରେ ରହୁଥିବା ରବିନାରାୟଣ ନାୟକ ବିଦେଶରେ ରହି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଘରେ ତାଙ୍କ ସ୍ତ୍ରୀ ସୁଜାତା ନାୟକ, ମା' ପାଞ୍ଚାଳୀ ଓ ୮ ବର୍ଷର ପୁଅ ଘରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ମା' ଶୋଇଥିବା ସମୟରେ କେତେଜଣ ଦୁର୍ବୃତ୍ତ ଘରେ ପଶି ଦୁଇଟି ଆଟାଚ ନେଉଥିବା ସମୟରେ ବୃଦ୍ଧା ମା' ତାଙ୍କୁ ଧରି ନେଇଥିଲେ। ବୃଦ୍ଧାଙ୍କୁ ଆକ୍ରମଣ କରି ଦୁର୍ବୃତ୍ତ ଫେରାର ହୋଇଥିଲା। ବୃଦ୍ଧାଙ୍କ ପାଟି ଶୁଣି ଘର ଲୋକେ ଉଠିପଡିଥିଲେ। ଏ ସଂକ୍ରାନ୍ତରେ ଭୁବନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଢେଙ୍କାନାଳ,୨୩।୮ (ରତନ ନାୟାର)



ପଙ୍କଜିନୀ ଜେନା

ଢେଙ୍କାନାଳ ସହର ଦେଉଳସାହି ଅଞ୍ଚଳର ସର୍ବଭାରତୀୟ ବନ୍ଧୁକ ଚାଳନା ମାନ୍ୟତାପ୍ରାପ୍ତ ପୂର୍ବତନ ପୋଲିସ ଅଧିକାରୀ ବିଚିତ୍ରାନନ୍ଦ ଜେନଙ୍କ ଧର୍ମପତ୍ନୀ ପଙ୍କଜିନୀ ଜେନାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା। ସେ ୧୫ଦିନ ଧରି ଲିଭର ଜନିତ ରୋଗରେ ପୀଡିତ ଥିଲେ । ସେ ଜଣେ ଧର୍ମପରାୟଣ ଓ ପରପୋକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ପୁଅ,ଝିଅ ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ। ଖବରପାଇବା ପରେ ସ୍ଥାନିୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମହିଷାପାଟସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ପ୍ରୀତି ରଞ୍ଜନ ଜେନା ମୁଖାଗ୍ନୀ ଦେଇଥିଲେ ।

# ଶିକ୍ଷା ଓ ସଂସ୍କାର



ଅଚ୍ୟୁତ ସାମନ୍ତ

ଭାରତୀୟ ସଭ୍ୟତାର ପରିକଳ୍ପନା, ନିର୍ମାଣ ଓ ବ୍ୟାଖ୍ୟାନରେ ଦୁଇଟି ଶବ୍ଦ- ଶିକ୍ଷା ଓ ସଂସ୍କାର ; ବିଶେଷ ଭାବେ ଚର୍ଚ୍ଚିତ ଓ ଆଲୋଚିତ । ଏ ଦୁଇଟି ସୂତ୍ର ପରି, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏହା ଅଙ୍ଗାଙ୍ଗୀ ରୂପେ ସମ୍ପର୍କିତ । ଶିକ୍ଷା କହିଲେ ସାଧାରଣ ଅର୍ଥରେ ବିଦ୍ୟା ଅର୍ଜନ, ଜ୍ଞାନ ଆହରଣକୁ ବୁଝାଏ । ସଂସ୍କାର ହେଉଛି ବସ୍ତୁପ୍ରାୟ । ଏହା ମୁଖ୍ୟତଃ ବ୍ୟକ୍ତିର ଅନ୍ତଃନିର୍ମାଣ, ନୈତିକତା, ବିନମ୍ରତା, ଉଦାରତା ଉପରେ ପର୍ଯ୍ୟବସିତ ଯାହା ସାମଗ୍ରିକ ଭାବରେ ଶିକ୍ଷାର ଉପଯୋଗ ପାଇଁ ମାର୍ଗ ଦର୍ଶାଏ । ଶିକ୍ଷା ଓ ସଂସ୍କାରକୁ ବିଚ୍ଛିନ୍ନ କଲେ, ହୁଏତ ଆମେ ମହତ୍‌କାମୀ ଆଦର୍ଶବାଦୀ ପାଇବା ନ ହେଲେ ଉପାୟୀ ଚତୁର ଧୂର୍ତ୍ତଙ୍କୁ । ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହେଉଛି ଜ୍ଞାନ ଓ ବିବେକ ସମନ୍ୱିତ ବ୍ୟକ୍ତି ନିର୍ମାଣ ।

ଶିକ୍ଷା ଓ ସଂସ୍କାରର ମହତ୍ତ୍ୱ ପ୍ରତିପାଦନ କରୁଥିବା ଅଜସ୍ର ଲୋକ କଥା, କାହାଣୀ ଆମକୁ ଉପଲବ୍ଧ । ଗ୍ରନ୍ଥ ପୁରାଣରେ ଏହାର ସାରବତ୍ତା ବର୍ଣ୍ଣିତ ହୋଇଛି, ଯାହା ଆମ ପାଇଁ ଆଲୋକ ବର୍ତ୍ତିକା ସଦୃଶ । ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଯେଉଁ ଉପଦେଶ ଦେଇଛନ୍ତି, ତା'ର ମାର୍ମିକ ଓ ବ୍ୟବହାରିକ ଆବେଦନ ଅନନ୍ୟ । ବିନମ୍ରତା ସହ ନିଷ୍କାମ କର୍ମ ସମ୍ପାଦନର ମହାନ୍ ଶିକ୍ଷା ସାରସ୍ୱତ ଜୀବନର ଦିଶା ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ । ମହାଭାରତରେ ଧର୍ମବ୍ୟାଧରେ ପାରଙ୍ଗମତା ସହ ଚାରିତ୍ରିକ ସ୍ୱଚ୍ଛତା ଓ ଦୃଢ଼ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ପଞ୍ଚତନ୍ତ୍ରରେ ପ୍ରତ୍ୟେକ କାହାଣୀର ଆଧାର ଓ ଉଦ୍ଦେଶ୍ୟ ନୀତିଶିକ୍ଷା । ନୈତିକତା ବିନା ଶିକ୍ଷା ଅସାର । ଏହିସବୁ ବର୍ଣ୍ଣନା, ଚିନ୍ତନ ଓ ଉପସ୍ଥାପନ ସ୍ପଷ୍ଟରେ ଦିଏ ଯେ ଭାରତୀୟ ବିଚାର ସଂହିତାରେ ଶିକ୍ଷା ଓ ସଂସ୍କାର ଅଙ୍ଗୀଭୂତ । ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମନ୍ୱୟ ଓ ସମ୍ପର୍କ ଏକାନ୍ତ ଜରୁରୀ । ଶ୍ରେଣୀଗୃହରୁ ପ୍ରାପ୍ତ ଶିକ୍ଷା ସହ ସାମାଜିକ ଆବେଗିକ କ୍ଷେତ୍ରରୁ ପ୍ରାପ୍ତ ଶିକ୍ଷା ସମନ୍ୱିତ ହେଲେ ହିଁ ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ । ଦୟା, କରୁଣା ଓ ଶୃଙ୍ଖଳାର ଉର୍ବର ଭୂମିରେ ମସ୍ତିଷ୍କର ବିକାଶ ଦ୍ରୁତତର ହୋଇଥାଏ ।

ଆମେ ଯଦି କେଉଁ ସୁଗୁଣଗୁଡ଼ିକ ଜୀବନରେ ଆପଣେଇବା ପାଇଁ ଚିନ୍ତା କରିବା, ତେବେ ଅନେକ ଆମ ଆଗୁଆନୁକୁ ଆସିବ । ସେଗୁଡ଼ିକ ମଧ୍ୟରୁ ମାନବୀୟ ସଚ୍ଚୋଟତା, ସାଧୁତା, ପ୍ରତିଦାନ ପ୍ରବୃତ୍ତି, ଅଭିନବ ସାହସିକତା, ମୂଳ ସଂସ୍କୃତି, ବିନମ୍ରତା, କୃତଜ୍ଞତା ଓ ଅହରହ ମାନବୀୟ ଅର୍ଥପୂର୍ଣ୍ଣ ଅନ୍ୱେଷା ଅନ୍ୟତମ । ଏଗୁଡ଼ିକ ସମ୍ପର୍କରେ ବିଶେଷ ଚର୍ଚ୍ଚା କରାଯାଇପାରେ । ମାନବବାଦ ଶିକ୍ଷାକୁ ବହିର୍ମୁଖୀ କରାଏ । ସମାଜର ବୃହତ୍ତର ମଙ୍ଗଳ ନିମନ୍ତେ ଶିକ୍ଷାକୁ ପ୍ରେରିତ କରେ । ସାଧୁତା, ଜ୍ଞାନ ଓ ବୁଦ୍ଧିକୁ ପଥଭ୍ରଷ୍ଟ ହେବାକୁ ଦିଏ ନାହିଁ। ଉତ୍କୃଷ୍ଟ ଉପଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଏ। ପ୍ରତିଦାନ ପ୍ରବୃତ୍ତି ସାମାଜିକ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିବା ସହ ସଫଳତାକୁ ସାମାଜିକ ସମ୍ବଳରେ ରୂପାନ୍ତରିତ କରେ। ଅଭିନବ ସାହସିକତା ପରମ୍ପରାର ନୂତନ ଆଂଶିକ ନିର୍ମାଣ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ କରି ଗଢ଼େ। ପୁରୁଣା ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ନୂଆ ଉପକରଣ ଓ ଉପାୟ ବାହାର କରେ। ବିନମ୍ରତା ପ୍ରାପ୍ତିର ଅହମିକାକୁ ପ୍ରତିରୋଧ କରେ। କୃତଜ୍ଞତାବୋଧ ଅନୁଚିତ ଆହରଣ ପ୍ରବୃତ୍ତିକୁ ସଂଯମ କରାଏ।

ଏହିସବୁ ଭାବବୋଧ ଓ ଆଦର୍ଶକୁ ଆଧାର କଲେ ଅନୁଷ୍ଠାନଗୁଡ଼ିକ ମାନବୀୟ ମୂଲ୍ୟବୋଧର ଜୀବନ୍ତ ପ୍ରୟୋଗଶାଳା ହୋଇପାରିବ। ମୋ ଦୃଷ୍ଟିରେ କିଟ୍- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଉପରୋକ୍ତ ଭାବାଦର୍ଶର ସକ୍ରିୟ ଧାରକ ଓ ବାହକ। ଗୁଣାତ୍ମକ ଶିକ୍ଷା ସାମାଜିକ ରୂପାନ୍ତରଣର ପ୍ରମୁଖ ଆୟୁଧ। ଏହି ଦର୍ଶନକୁ ଭିତ୍ତିକରି କିଟ୍ ପ୍ରତିଷ୍ଠିତ ହୋଇଥିଲା। କିଟ୍‌ରେ ପ୍ରୟୋଗ ହୋଇଛି ସାମାଜିକ ଅଙ୍ଗୀକାର ସହ ଶିକ୍ଷଣର ଅନନ୍ୟ ମିଶ୍ରଣ ; ଜ୍ଞାନ ଆହରଣ ସହ ଜ୍ଞାନର ସାମାଜିକୀକରଣ। ଏହ ମଧ ପ୍ରତିଫଳିତ ହୋଇଛି କିଟ୍‌ର ଅନ୍ୟ ଏକ ସମ୍ପର୍କିତ ସଂସ୍ଥା କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍)ରେ ; ଯାହାକି ପୃଥିବୀର ସବୁଠୁ ବଡ଼ ଜନଜାତିଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଆବାସିକ ଶିକ୍ଷାନୁଷ୍ଠାନ। ଏଠାରେ ଶିକ୍ଷା ଓ ସଂସ୍କାରର ପ୍ରୟୋଗ ହୋଇଛି, ଯାହା ଅନୁଷ୍ଠାନକୁ ବିଶେଷ ଔଜ୍ଜ୍ୱଲ୍ୟ ପ୍ରଦାନ କରିଛି। ଏହା ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ଅଶୀ ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶରେ ସମର୍ପିତ। ଏଠି ଲକ୍ଷ୍ୟ ଏବଂ ମାଧ୍ୟମ ଏକ ଓ ଅଭିନ୍ନ।

କେବଳ ଶିକ୍ଷା କାର୍ଯ୍ୟକ୍ରମରେ ସୀମିତ ରହିନି କିଟ୍। ଏଠି ଅଛି ଏକ କ୍ରିୟାଶୀଳ ଛାତ୍ର ସଂସ୍କୃତି। ବିବିଧ କ୍ଲବ, ସାଂସ୍କୃତିକ ସଂଘ, ନବାଚାର ପ୍ରକୋଷ୍ଠ ମାଧ୍ୟମରେ ସର୍ଜନା, ନାଗରିକ ସମ୍ପୃକ୍ତି, ଦଳଗତ ପ୍ରୟାସକୁ ପ୍ରୋତ୍ସାହନ ମିଳୁଛି। ଜାତୀୟ ସେବା ସଂସ୍ଥାରେ ସାମିଲ ହୋଇଛନ୍ତି କିଟ୍ ଓ କିସ୍‌ର ହଜାର ହଜାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର। ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ଆପାତ୍‌କାଳୀନ ସହାୟତା ଆଦି କାର୍ଯ୍ୟରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ମାଧ୍ୟମ ସାଜିଛି ଆର୍ଟ ଅଫ୍ ଗିଭିଂ, ଏଜୁକେଶନ ଫର୍ ଅଲ୍, ନିଉ ମାଇଣ୍ଡସ୍ ନିଉ ଡ୍ରିମ୍, କନ୍ୟା କିରଣ ଏବଂ କଳିଙ୍ଗ ଫେଲୋଶିପ୍ ଭଳି ଉଲ୍ଲେଖନୀୟ ଉପକ୍ରମ। ସେମାନେ ବାସ୍ତବରେ କାର୍ଯ୍ୟ ମାଧ୍ୟମରେ ସଂସ୍କାରିତ ହେବାର ଜୀବନ୍ତ ପ୍ରୟୋଗଶାଳା ଭାବରେ ପରିଚିତ।

ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧ ଅନୁଷ୍ଠାନର ଗୁଣସୂତ୍ରରେ ସଞ୍ଚରିଯାଇ ଏହାକୁ ରୂପରେଖ ପ୍ରଦାନ କରେ। ମୋର ଭାବାଦର୍ଶ, ପ୍ରତିଟି ଜୀବନର ପବିତ୍ରତା ଓ ପ୍ରତିଦାନର କର୍ତ୍ତବ୍ୟବୋଧରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଐତିହ୍ୟ ଓ ପରମ୍ପରା ସହ ସମ୍ବନ୍ଧିତ ରହି ଭବିଷ୍ୟତର ଯାତ୍ରା ପାଇଁ ପ୍ରସ୍ତୁତି କରୁଛନ୍ତି। ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ମୋର, ସାଦା ସରଳ ଜୀବନ ହିଁ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ବାର୍ତ୍ତା। ସଫଳତାର ମାନଦଣ୍ଡ ହେଉଛି କେତେ ଜୀବନକୁ ସକାରାତ୍ମକ ଭାବେ ପ୍ରଜ୍ୱଳିତ କରିପାରିବା। ଏହାର ଅର୍ଥ ହେଉଛି ନୀତି ଓ ନୈତିକତାକୁ ବଜାୟ ରଖି ଆମେ ସ୍ୱପ୍ନ ଦେଖିପାରିବା, ନୂଆ କଥା କରିପାରିବା, ସାହସିକ ପଦକ୍ଷେପ ନେଇପାରିବା ଏବଂ ବିଶାଳ ସଫଳତାର ଅଧିକାରୀ ହୋଇପାରିବା।

ଯୁବାବସ୍ଥାରେ ଯେ ନିଜ ସହିତ, ନିଜ ଆବେଗ ସହିତ ଓ ଅନ୍ୟମାନଙ୍କ ସହିତ ଖାପ୍‌ଖୁଆଇ ଚଳିବା ଶିଖେ, ସେ ଜୀବନରେ ବହୁତ ଆଗକୁ ଯାଏ, ସଫଳ ହୁଏ। ଆବେଗିକ ବୁଦ୍ଧିମତ୍ତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ପ୍ରବଣତା ହେଉଛି ଦୁଇଟି ବିଶିଷ୍ଟ ଗୁଣ। ଶୃଙ୍ଖଳା ହେଉଛି ବସ୍ତୁତଃ ଆତ୍ମନିୟନ୍ତ୍ରଣ। ସକାରାତ୍ମକ ମାନସିକତା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ରୂପକାର। ଏହା ଅନ୍ତଃ ଔଜ୍ଜ୍ୱଲ୍ୟର ପ୍ରକାଶକ ଯାହା ନିଜଠୁ ବିଚ୍ଛୁରିତ ହୁଏ। ଏହା ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ। ଦୂରଦୃଷ୍ଟି ଓ ଦାୟିତ୍ୱ ହେଉଛି ସାମୟିକ ଚାପକୁ ପ୍ରତିରୋଧ କରିବା ଯାହା ନିଜ ପ୍ରିୟଜନଙ୍କ ଜୀବନବ୍ୟାପୀ ଦୁଃଖର କାରଣ ହୋଇପାରେ। ଦୃଷ୍ଟିଭଙ୍ଗୀ ନିର୍ଦ୍ଧାରଣ କରି ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସଫଳତାର କାରକ ହେଉଛି ନିଜସ୍ୱ ଆଚାର। ଅସଲ ସାଫଲ୍ୟ ଏକାନ୍ତରେ ନୁହେଁ, ବରଂ ସମ୍ମିଳିତ ଭାବରେ ହାସଲ କରାଯାଏ, ଅନ୍ୟମାନଙ୍କୁ ସାଥିରେ ନେଇ, ପ୍ରତ୍ୟେକଙ୍କ ଅଭିବୃଦ୍ଧିକୁ ସନ୍ନିହିତକରି ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ଅର୍ଜନ କରାଯାଏ। ଏହା ଅବାସ୍ତବ ତତ୍ତ୍ୱ ନୁହେଁ। ଏହା କିଟ୍‌ର ଜୀବନ୍ତ ଦର୍ଶନ। ଏଠି ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ସଂସ୍କାର ମଧ୍ୟ ପାଆନ୍ତି ଏବଂ ଜୀବନ ଗଢ଼ନ୍ତି।

ଶିକ୍ଷା ଓ ସଂସ୍କାରର ପୁନଃ ସଂଯୋଗୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି କେବଳ ଦକ୍ଷ ମସ୍ତିଷ୍କ ନୁହେଁ ବିବେକୀ ହୃଦୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଭାରତରେ ଶିକ୍ଷା ସବୁବେଳେ କୌଶଳତାରେ ସୀମିତ ରହିନାହିଁ। ଶିକ୍ଷା ସହ ସଂସ୍କାରକୁ ଯୋଡ଼ିବାକୁ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚନା କରାଯାଇଛି। ମୂଲ୍ୟବୋଧ ବିନା ଜ୍ଞାନ ନିରର୍ଥକ ଏବଂ ସେହିପରି ଜ୍ଞାନ ବିନା ମୂଲ୍ୟବୋଧ ମଧ ଶକ୍ତିହୀନ। ଯେତେବେଳେ ଆମର ଯୁବ ସମାଜ ଅତ୍ୟାଧୁନିକ ଦକ୍ଷତା ସହ ଆମ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଧାରଣ କରିବେ, ସେମାନେ ଆତ୍ମନିର୍ଭର ଭାରତ ଓ ବିଶ୍ୱଗୁରୁ ଭାରତର ସମର୍ଥ ସ୍ଥପତି ହୋଇପାରିବେ। ଏହା ହିଁ କିଟ୍ ଓ କିସ୍‌ର ଲକ୍ଷ୍ୟ ଓ ଆଦର୍ଶ ଏବଂ ଏହାର ପରିପୂରଣରେ ନିରନ୍ତର କାର୍ଯ୍ୟରତ। ସଫଳ ସ୍ନାତକ ନିର୍ମାଣ କରୁଛି ଯେଉଁମାନେ ନିଜ ବୃତ୍ତିରେ ଉତ୍କର୍ଷ ସାଧନ ସହ ନିଜ ଗୋଷ୍ଠୀ ଓ ସମାଜର ସେବାରେ ସମର୍ପିତ ହୋଇ ଆମ ଜାତିର, ଦେଶର ନିଃସମୟ ଆତ୍ମିକ ଭାବବୋଧର ଅଗ୍ରଣୀ କାରକ ହୋଇପାରିବେ।

**ଶିକ୍ଷାବିତ୍ ଓ ସମାଜସେବୀ**

# ଷ୍ଟଡି ଲାଇଫ୍ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୩।୮ (ରତନ ନାୟାର)




ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେସନ୍‌ର ତୃତୀୟ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଆଶିଷ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗ ଦେଇ କମ୍ପ୍ୟୁଟର ହେଉଛି 'ଏକାଗ୍ରତା ଓ ଚେତନାର ସମଷ୍ଟି' ବୋଲି କହିବା ସହ କମ୍ପ୍ୟୁଟର ଯୁଗରେ ପ୍ରତ୍ୟେକ ମଣିଷକୁ କମ୍ପ୍ୟୁଟର ଭଳି ଦ୍ରୁତଗତିରେ ଆଗକୁ ବଢିବାର ଅଛି ବୋଲି ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଫେସର ସରୋଜ କୁମାର ନାୟକ ଏବଂ ସିନର୍ଜି ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁଟ୍‌ର ନିଯୁକ୍ତି ପରାମର୍ଶଦାତା ପ୍ରଭାତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅବିନାଶ ପଣ୍ଡା, ଶିକ୍ଷକ ସୌମ୍ୟକାନ୍ତ ପତି, ରଞ୍ଜିତ କୁମାର ସାହୁ, ସ୍ୱଦେଶ ସ୍ୱାଇଁ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ, ଅଙ୍କିତା ଦାସ, ରୂପଶ୍ରୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ । ଓଡିଆ ବିଭାଗ ଅଧ୍ୟାପକ ବିକାଶ ପ୍ରଧାନ ମଂଚ ପରିଚାଳନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ସୌମ୍ୟକାନ୍ତ ପତି ଧନ୍ୟବାଦ ଦେଇଥିଲେ।

# ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ଆଧାର

ଓଡ଼ାପଡ଼ା,୨୩।୮ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଭା ଓ ବିଭାଗର ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡାଙ୍କ ଅନ୍ୟତ୍ର ବଦଳି ଉପଲକ୍ଷେ ବିଦାୟ ସମ୍ବର୍ଦ୍ଧନା ଶୁକ୍ରବାର ଆୟୋଜିତ ହୋଇଯାଇଛି। ପିଲାଙ୍କୁ ଶୁଭକାମନା ଜଣାଇ ବିଭାଗୀୟ ମୁଖ୍ୟ ଡ. ଦିନନାଥ ଦାସ କହିଥିଲେ, ସଂସ୍କୃତ ଭାଷା କେବଳ ଏକ ପ୍ରାଚୀନ ଭାଷା ନୁହେଁ, ଏହା ଭାରତୀୟ ସଂସ୍କୃତିର ଆଧାର । ନୂତନ ପିଢି ଏହି ଭାଷାର ଅଧ୍ୟୟନ ଦ୍ୱାରା ସାହିତ୍ୟ, ଦର୍ଶନ ଓ ନୀତିବୋଧର ମୂଲ୍ୟ ବୁଝିପାରିବେ। ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହ ଦେଇଥିଲେ। ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡାଙ୍କୁ ଚାରିଗ୍ରହ ମହାବିଦ୍ୟାଳୟକୁ ବଦଳି ଉପଲକ୍ଷେ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ଦାସ ଏବଂ ଛାତ୍ରୀଛାତ୍ର ବିଭାଗ ଅଧ୍ୟାପକ ରାଧେଶ୍ୟାମ ଦାସନାୟକ ଓ ଅଧ୍ୟାପିକା ସରିତା ମଲ୍ଲିକଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସେମାନେ ନୂତନ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଶିକ୍ଷା ପରିବେଶରେ ଦୃଢ଼ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ହରପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁରେ ବୁଲୁଛି ଅଜଣାଜନ୍ତୁ, ଭୟଭୀତ ଗ୍ରାମବାସୀ

କାମାକ୍ଷାନଗର, ୨୩।୮ (ସୁଧୀର କୁମାର ପରିଡ଼ା)



କାମାକ୍ଷାନଗର ସହର ନିକଟବର୍ତ୍ତୀ ଭାଲୁମୁଣ୍ଡା ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ ଯୋଗୁ ଗ୍ରାମବାସୀ ଭୟଭୀତ ହୋଇଛନ୍ତି। ଭାଲୁମୁଣ୍ଡା ଗ୍ରାମରେ ଅଜଣା ଜନ୍ତୁ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଗତ ଦୁଇ, ତିନି ଦିନ ଧରି ଅଜଣାଜନ୍ତୁଟି ଗାଁ ଭିତରକୁ ପଶି ଆସିଥିବା ବେଳେ କିଛି ଗ୍ରାମବାସୀ ଏହାର ଫଟୋ ଉଠାଇଥିଲେ।। ତେବେ ଜନ୍ତୁଟି କଲରାପତରିଆ ବାଘ କିମ୍ବା ଅନ୍ୟ କୌଣସି ବାଘ ପ୍ରଜାତିର ଦେଖାଯାଉଥିବା ବେଳେ ଜନ୍ତୁକୁ ଦେଖି ଭୟରେ ସ୍ଥାନୀୟ ବାସିନ୍ଦା । ଜନ୍ତୁଟିର ଫଟୋରୁ ତାହା ଶାଳିଆପତନି ପ୍ରଜାତିର ହୋଇଥିବା ନେଇ ପୂର୍ବାଞ୍ଚଳ ଭାରପ୍ରାପ୍ତ ରେଞ୍ଜର ସୁଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ବିଜ୍ଞାନ କେନ୍ଦ୍ର ପରିସରରେ ଜାତୀୟ ମହାକାଶ ଦିବସ

ଢେଙ୍କାନାଳ,୨୩।୮ (ରତନ ନାୟାର): ଭାରତ ସରକାରଙ୍କ ସଂସ୍କୃତ ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦର ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିସରରେ 'ଆର୍ଯ୍ୟଭଟ୍ଟରୁ ଗଗନଯାନ: ପ୍ରାଚୀନ ଜ୍ଞାନରୁ ଅନନ୍ତ ସମ୍ଭାବନା' ବିଷୟବସ୍ତୁ ଆଧାରିତ ଦ୍ୱିତୀୟ ଜାତୀୟ ମହାକାଶ ଦିବସ-୨୦୨୫ ପାଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ: ଭାରତର ମହାକାଶ ଐତିହ୍ୟ' ଶୀର୍ଷକ ଏକ ପ୍ରଦର୍ଶନୀର ଉଦଘାଟନ ହୋଇଥିଲା। ଏହି ଆଲୋଚନାଚକ୍ର ଓ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ମୁଖ୍ୟାଳୟ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଦ୍ୱାରା ସଂପୂର୍ଣ୍ଣ ଭାବରେ ଡିଜାଇନ୍ ଏବଂ ବିକଶିତ କରାଯାଇଥିଲା। ଏହି ପ୍ରଦର୍ଶନୀ ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପ୍ରଦର୍ଶନୀରେ ପ୍ରାଚୀନ ଭାରତୀୟ ଉପକରଣଗୁଡ଼ିକୁ ଚିତ୍ରିତ କରାଯାଇ ଯେଉଁଥିରେ ଶଙ୍କୁ ଯନ୍ତ୍ର (ଗ୍ନୋମନ୍), ଗୋଳ ଯନ୍ତ୍ର (ଆର୍ମିଲାରୀସ୍ଫିୟର), ଫଳକ ଯନ୍ତ୍ର,




ତୁରିୟା ଯନ୍ତ୍ର, ସମ୍ରାଟ ଯନ୍ତ୍ର ଇତ୍ୟାଦି ଏବଂ ପ୍ରସିଦ୍ଧ ଓଡ଼ିଆ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଅବଦାନକୁ ବିଶେଷ ଭାବରେ ଉଲ୍ଲେଖ କରାଯାଇଛି। ପ୍ରଦର୍ଶନୀରେ ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱଦେଶୀ ଜ୍ଞାନ କୌଶଳ ବିକାଶ କ୍ଷେତ୍ରରେ ଭାରତର ସଫଳତାକୁ ପ୍ରମୁଖ ଭାବରେ ଉପସ୍ଥାପିତ କରାଯାଇଛି, ଯେଉଁଥିରେ ଆର୍ଯ୍ୟଭଟ୍ଟ, ଚନ୍ଦ୍ରାୟନ ମିଶନ, ମଙ୍ଗଳ ଅର୍ବିଟର ମିଶନ, ଆଦିତ୍ୟ-ଏଲ ୱାନ ଓ ଗଗନଯାନ ଇତ୍ୟାଦି ଅନ୍ତର୍ଭୁକ୍ତ। ଚନ୍ଦ୍ରାୟନ-୩ ମିଶନର ବିକ୍ରମ ଲ୍ୟାଣ୍ଡର ଏବଂ ପ୍ରଜ୍ଞାନରୋଭରରଥ୍ରୀ ଡ଼ିମଡେଲ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଥିଲା । ଯେଉଁଥିରେ ପ୍ରତିକୃତି ପୁସ୍ତକ ସିଦ୍ଧାନ୍ତ ଦର୍ପଣ, ଭାସ୍କର ପ୍ରଭା, ଗଣିତ ଯୁକ୍ତି ଭାଷା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଭାରତ ଦ୍ୱାରା ବିଭିନ୍ନ ପ୍ରକ୍ଷେପଣ ଯାନ ଏବଂ ପ୍ରକ୍ଷେପଣ ଉପଗ୍ରହ ଏବଂ ମାନବ ଜାତିର ଜୀବନକୁ ଉନ୍ନତ କରିବା ପାଇଁ ଏହାର ପ୍ରୟୋଗ ଯଥା-ଯୋଗାଯୋଗ ଏବଂ ସଂଯୋଗୀକରଣ, ପାଣିପାଗ ଏବଂ ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟସେବା ଏବଂ ଟେଲିମେଡିସିନ୍, କୃଷି ଏବଂ ଖାଦ୍ୟ ସୁରକ୍ଷା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଉଦଘାଟନୀ ଭାଷଣ ଦେଇ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲା ବିଜ୍ଞାନ ଅଧିକାରୀ ଏମ୍‌ଏମ୍ ରାଉତ, ପଠାଣି ସାମନ୍ତଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରି ଭାରତର ସମୃଦ୍ଧ ଜ୍ୟୋତିର୍ବିଜ୍ଞାନ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଆନନ୍ଦ ଛାତ୍ରମାନଙ୍କୁ ମହାକାଶ ବିଜ୍ଞାନ କ୍ଷେତ୍ରରେ ସେମାନଙ୍କର ଜିଜ୍ଞାସୁତା ବୃଦ୍ଧି କରିବା ଏବଂ ଭବିଷ୍ୟତରେ ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଜ୍ଞାନର ଐତିହ୍ୟକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ: ଭାରତରେ ମହାକାଶ ଐତିହ୍ୟ ପ୍ରଦର୍ଶନୀ ଉପରେ ଏକ ପତ୍ରିକାକୁ ମଧ୍ୟ ଉନ୍ମୋଚିତ କରାଯାଇଥିଲା । ପରେ ବିଜ୍ଞାନ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ପିଏମଶ୍ରୀ ବିବି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗଶିକ୍ଷା କେନ୍ଦ୍ର, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଆଇଆଇଏମସି ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀକୁ ଦେଖିଥିଲେ। ଏହି କାର୍ଯ୍ୟକ୍ରମ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଶଙ୍କର ଗୁରୁଙ୍ଗଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। ଆଗାମୀ ୨୫.୦୮.୨୦୨୫ରିଖରେ ମେକ୍ ଆଣ୍ଡ୍ ଟେକ୍ ସାଇନ୍ସ କର୍ମଶାଳା ଓ ଜ୍ୟୋତିର୍ବିଜ୍ଞାନ ଆଧାରିତ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଏବଂ ୨୬.୦୮.୨୦୨୫ରିଖ ରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମଡେଲ୍ ରକେଟ୍ରି କର୍ମଶାଳା ଏବଂ ଜଳ ରକେଟ୍ ପ୍ରଦର୍ଶନ ହେବ। ସମସ୍ତ ଛାତ୍ର ସମାଜ ଏବଂ ଜନସାଧାରଣଙ୍କୁ ପ୍ରଦର୍ଶନୀ ପରିଦର୍ଶନ ଏବଂ ଏହାର ସୁଯୋଗ ନେବାକୁ ଜିଲା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଣାଯାଇଛି ।

# ଓଡ଼ିଶା ଅମଲା ସଂଘ ଜିଲା ଶାଖାର ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୩।୮ (ରତନ ନାୟାର)



ଓଡ଼ିଶା ଅମଲା ସଂଘ ଢେଙ୍କାନାଳ ଜିଲା ଶାଖାର ଏକ ପ୍ରସ୍ତୁତି ବୈଠକ ଦଧିବାମନ ମଠ ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ସଂଘର ସଭାପତି ଅରୁଣ କୁମାର ବଳିୟାରସିଂହ ସଭାପତିତ୍ୱ କରି ସଂଘର ଦୀର୍ଘ ଦିନର ଦାବି ଅମଲାମାନଙ୍କର ଶିକ୍ଷାଗତ ଯୋଗ୍ୟତା ଆଧାରରେ ପ୍ରଦାନ କରିବାକୁ ସରକାର ଅହେତୁକ ବିଳମ୍ବ କରୁଥିବାରୁ ଜିଲାର ସମସ୍ତ ଅମଲାଙ୍କୁ ପୁଣିଥରେ ଏକତ୍ରିତ ହେବାକୁ ଆହ୍ୱାନ କରିଥିଲେ । ସରକାର ୨୦୧୭ ମସିହାରୁ ଅମଲା ମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିବା ବେଳେ ଦରମା ଦଶମ ହାରରେ ସରକାର ଦେଉଥିବାରୁ ଏହାର ଦୃଢ ପ୍ରତିବାଦ କରିଥିଲେ ଓ ୨୦୧୭ ରୁ ମୂଳ ଦରମା ଲେବୁଲ୍-୯ ଆଧାରରେ ପ୍ରଦାନ କରିବାକୁ ଦାବି କରିଥିଲେ । ସଂଘର ସମ୍ପାଦକ ଗଣେଶଚନ୍ଦ୍ର ପୃଷ୍ଟି ବୈଠକ ର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ ଓ ସଂଘର ଉଦ୍ଦେଶ୍ୟ ସାଧନ ନିମନ୍ତେ ଆଗାମୀ ଦିନରେ ହବାକୁ ଥିବା ଜିଲା ବୈଠକ ରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ସଂଘର ଉପସଭାପତି ମାନସ ସାହୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଦେଶ ବଳରେ ଦୀର୍ଘ ଦିନରୁ ଅମଲ ।ମାନଙ୍କର ପଦୋନ୍ନତି ହୋଇପାରୁନାହିଁ । ଅନେକ ଅମଲା ପଦୋନ୍ନତି ରୁ ବଞ୍ଚିତ ହୋଇ ଅବସର ନେଉଛନ୍ତି ମତବ୍ୟକ୍ତ କରିଥିଲେ । ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ନଚେତ ରିଷ୍ଟ୍ରକଚର ନ କରିବା ପର୍ଯ୍ୟନ୍ତ ଅମଲାଙ୍କ ପାଇଁ ଉଦ୍ଦିଷ୍ଟ ୨୦୧୯ ନୋଟିଫିକେସନକୁ କାର୍ଯ୍ୟକାରୀ କରାଯାଉ । ଏହି ବୈଠକରେ ଧରଣୀଧର ମଲ୍ଲିକ, ସତ୍ୟ ସୁନ୍ଦର ସାହୁ, ମାନସ କୁମାର ସାହୁ, ଶ୍ରୀକାନ୍ତ କୁମାର ସର, ଯତୀନ କୁମାର ଦେହୁରୀ, ସୁଦର୍ଶନ ସାହୁ, ଚିତ୍ତରଞ୍ଜନ ଗଡ଼ନାୟକ, ଚିତ୍ତରଞ୍ଜନ ମିଶ୍ର, ପ୍ରଭାସ ଚନ୍ଦ୍ର ସେଠି, ଶିବାନନ୍ଦ ବେହେରା, ରଞ୍ଜିତ ପ୍ରଧାନ, ମାନସ ପତି, ହୃଦାନନ୍ଦ ବେହେରା, ଯୁଗଳ କିଶୋର ଧଳ, ଆଶିଷ ରଞ୍ଜନ ରାଉତ, ବିଦ୍ୟାଧର ସାହୁ, ଅରୁଣ ସାହୁ, ମୋହିନୀ ମୋହନ ମହାନ୍ତି ପ୍ରମୁଖ ଅମଲା ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୈଠକ ଶେଷରେ ଦିଲ୍ଲୀପ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ ଘୋଷଣା କରିଥିଲେ ।

**ଯୁବକ ନିଖୋଜ ଅଭିଯୋଗ**

ସନ୍ଧିଛକ,(ସନ୍ତୋଷ ପରିଡ଼ା): ବଅଁରପାଳ ବ୍ଲକ ଭୋଗବେରିଣୀ କୁଶପଙ୍ଗୀ ଗ୍ରାମରେ ମାସେ ହେବ ରହି ଚାଷ କାର୍ଯ୍ୟ କରୁଥିବା କୁଶ ନାଏକ(୩୨) ଗତ ୨୧ ତାରିଖରୁ ନିଖୋଜ ହୋଇଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ବିଲକୁ ଯିବାକୁ କହି ଯାଇଥିଲେ ହେଁ କୁଶ ଆଉ ଘରକୁ ଫେରି ନ ଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ବୈଦିକ ବ୍ରାହ୍ମଣ ପରିଷଦର ବୈଠକ

ରାଇସୋଲ,୨୩।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଡିଲଡଲାସ୍ଥିତ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଶନିବାର ଅଞ୍ଚଳର ବିପ୍ର ବ୍ରାହ୍ମଣମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିରୋଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ବ୍ରାହ୍ମଣ ପରିଷଦ ଗଠନ ବିଷୟରେ ଆଲୋଚନା କରାଯିବା ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦେବାଦେବୀ ପୀଠରେ ପର୍ଯ୍ୟାୟ କ୍ରମେ ଜାଗଯଜ୍ଞ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପଣ୍ଡିତ ସୁବାସ ଚନ୍ଦ୍ର ମିଶ୍ରଙ୍କ ପ୍ରସ୍ତାବ କ୍ରମେ ଆଗାମୀ ୨୮ ତାରିଖ ଗୁରୁବାର ଋଷି ପଞ୍ଚମୀ ଦିନ କୁଣ୍ଡୁପସ୍ଥିତ ଘୁଙ୍ଗିଆ ବାଉତୀ ପୀଠରେ ଏକ ବିବସୀୟ ପଂଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପଣ୍ଡିତ ପ୍ରଭାତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ପରିଷଦର ସଂପାଦକ ଅମିୟ କୁମାର ମିଶ୍ର, ସଞ୍ଜୟ କୁମାର ଆଚାର୍ଯ୍ୟ, ସୌଭାଗ୍ୟ ରଞ୍ଜନ ସର, ସତ୍ୟ ନାରାୟଣ ମିଶ୍ର, ଜଗଦୀଶ ମିଶ୍ର, ବ୍ରଜବନ୍ଧୁ ମିଶ୍ର, ବାସୁଦେବ ପଣ୍ଡା, ସମୀର ନନ୍ଦ, ଶିଶିର ନନ୍ଦ ଓ ଅନ୍ୟ ସଦସ୍ୟ ମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ।

ଛେଣ୍ଡିପଦା,୨୩।୮(ଅଜିତ୍ ଧଳ)

ଅନୁଗୋଳ ଜିଲା ପାତ୍ରପଡ଼ା ମା' ବାୟାଣୀପୀଠ ପ୍ରାଙ୍ଗଣରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପାତ୍ରପଡା ସମିତିସଭ୍ୟ ଦୀପକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ବରିଷ୍ଠ ନାଗରିକ ତଥା ପୂର୍ବତନ ସରପଞ୍ଚ ରତ୍ନାକର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଗିରିଧାରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ସାହୁ, ପାତ୍ରପଡା ଗ୍ରାମସଭାପତି ଚକ୍ରଧର ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ହୃଦାନନ୍ଦ ସାହୁ, ରମେଶ ବେହେରା, ଯଦୁମଣି ସାହୁ, ଜଗତ ସାହୁଙ୍କ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏଥିରେ ପାତ୍ରପଡା ଗାଁର ରୂପାୟନ ସାହୁ, ଯୁଗଳ ସାହୁ, ପୀତବାସ ସାହୁ, ସୁଶାନ୍ତ ସାହୁ, ବିକାଶ ସାହୁ, ବିଭୂତି ଭୂଷଣ ସାହୁ, ଗୁଲୁ ସାହୁ, ଶିପୁନ ସାହୁ, ନିରଞ୍ଜନ ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ବଅଁରପାଳ, ୨୩।୮ (ସୁବାସ ସାହୁ)

ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକାଠାରୁ ଦ୍ୱିତୀୟ ଶ୍ରେଣୀ (ଆଧାର ସ୍ତର) ପର୍ଯ୍ୟନ୍ତ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋଷ୍ଠୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ମାନସ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିଶୁମାନଙ୍କ ପ୍ରତି ମା'ମାନଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ଅଖିଳ ମହାପାତ୍ର ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ତନ୍ମୟ କୁମାର ନାଥ ମା 'ମାନଙ୍କ ମାର୍ଗଦର୍ଶନ କରିଥିଲେ। ଉକ୍ତ ସମ୍ମିଳନୀରେ ୮୪ ଜଣ ମା' ଉପସ୍ଥିତ ଥିଲେ। ବିଭିନ୍ନ ଶ୍ରେଣୀର ମା'ଙ୍କୁ ନେଇ ବିଦ୍ୟାଳୟର ମାତୃ ଭାରତୀ ବରିଷ୍ଠ ଆଚାର୍ଯ୍ୟା ନର୍ମଦା ସାହୁ ଓ କବିତା ଦାସଙ୍କ ତତ୍ତ୍ୱାବଧାନରେ ମାତୃଭାରତୀ ଗଠନ କରାଯାଇଥିଲା। ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ।



ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ସାହିତ୍ୟିକା ରକ୍ମିଣୀପ୍ରଭା ନନ୍ଦଙ୍କ ପରଲୋକ

ଢେଙ୍କାନାଳ,୨୩।୮ (ରତନ ନାୟକ)



ସାହିତ୍ୟିକା ରକ୍ମିଣୀପ୍ରଭା ନନ୍ଦ।

ଢେଙ୍କାନାଳ ସହର ରୁଆ ଶାସନସ୍ଥିତ ବାସଭବନରେ ପୂର୍ବତନ ଜିଲା କଂଗ୍ରେସ ଉପାପତି ସମରେନ୍ଦ୍ର ନନ୍ଦଙ୍କର ମାଆ ତଥା ବିଶିଷ୍ଟ ସାହିତ୍ୟିକା ଓ କବି ରକ୍ମିଣୀପ୍ରଭା ନନ୍ଦଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ସମାଜସେବୀ ମହିଳା ଥିଲେ । ଜଣେ ସୁଲେଖିକା, ସାହିତ୍ୟିକା ଓ କବି ଭାବରେ ଢେଙ୍କାନାଳ ଜିଲାରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଖବରପାଇ ପୂର୍ବତନ ବିଧାୟକ ସୁଧିର କୁମାର ସାମଲ, ସମାଜସେବୀ ଗଙ୍ଗାଧର ସାମଲ, ଯୁବ ସମାଜସେବୀ ଡା. ଅବିନାଶ ସାମଲ ଗଭିର ଶୋକବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହିତ ତାଙ୍କର ପରିବାରପ୍ରତି ଗଭିର ସମବେଦନା ମଧ୍ୟ ଜଣାଇଥିଲେ । ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଓଡ଼ିଆ ବିଭାଗର ନବୀନ ବରଣ ଉତ୍ସବ

କାମାକ୍ଷାନଗର,୨୩।୮(ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନବୀନ ବରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅମିତାଞ୍ଜଳୀ ମିଶ୍ର ନବାଗତଙ୍କୁ ସ୍ୱାଗତ ଜଣାଇବା ସହ ମହାବିଦ୍ୟାଳୟର ନୀତି ଓ ଆଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟରେ ପାରଦର୍ଶିତା ହାସଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସମ୍ମାନିତା ଅତିଥି ଭାବେ ଯୋଗଦେଇ ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠ ସଂଯୋଜିକା ଅଧ୍ୟାପିକା ସ୍ୱପ୍ନିତା ରାଉତ ଛାତ୍ରୀଛାତ୍ର ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ ସଫଳତା ହାସଲ ନିମନ୍ତେ ଓଡ଼ିଆ ଭାଷା କିପରି ସହାୟକ ହେବ ବର୍ଣ୍ଣନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ମନୋରଞ୍ଜନ ବେହେରା ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ନୂତନ ଜାତୀୟ ଶିକ୍ଷାନୀତିରେ ଓଡ଼ିଆ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପ୍ରଥମଶ୍ରେଣୀ ସମ୍ମାନରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ପରିଚୟ ପ୍ରଦାନ କରିବା ସହ ଜୀବନର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିସହ ଭବିଷ୍ୟତ ପିଢି ମାତୃଭାଷା ଓ ମାତୃଭୂମି ପ୍ରତି ମମତା ରଖିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ପରିବେଷଣ ତଥା ନବାଗତଙ୍କ ଉଦ୍ଦେଶ୍ୟରେ କୌତୁକ ପ୍ରଶ୍ନ ପରିବେଶକୁ ରଦ୍ଧିମନ୍ତ କରିଥିଲା । ସୁମନ୍ତ ପ୍ରଧାନ ଶ୍ରେଷ୍ଠ ନବାଗତ ଏବଂ ସାଇଶ୍ରୀ ମହାରଣା ଶ୍ରେଷ୍ଠ ନବାଗତା ଘୋଷିତ ହୋଇ ରୌପ୍ୟ ମୁକୁଟରେ ଭୂଷିତ ହୋଇଥିଲେ।

# 'ଆସ ଆମେ ସ୍କୁଲ ଯିବା' ଅଭିଯାନ

ଛେଣ୍ଡିପଦା,୨୩।୮(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତରେ 'ଆସ ଆମେ ସ୍କୁଲ ଯିବା' ଅଭିଯାନ, ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟକମୁଣ୍ଡା ଆଞ୍ଚଳିକ ସାଧନକେନ୍ଦ୍ରର ଦିଲୀପ ସାହୁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟକୁ ନେଇ ଏହି ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହୃଦୟରଞ୍ଜନ ଗଡ଼ନାୟକ, ସଞ୍ଜୟ ସାହୁ, ତ୍ରିପୁରା ପ୍ରଧାନ, ପ୍ରଦୀପ ଦେହୁରୀ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆସ ଆମେ ସ୍କୁଲ ଯିବା' ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଅଁରପାଳ,୨୩।୮ (ସୁବାସ ସାହୁ)

